ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.303 Bhubaneswar Thursday January 19 2023 | ୨୫ତମ ବର୍ଷ ସଂଖ୍ୟା-୩୦୩ ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୯, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ଭୁବନେଶ୍ୱରରେ ପହଂଚିଲା ବିଜୁ ବାବୁଙ୍କ ଡାକୋଟା

ଭୁବନେଶ୍ୱର,୧୮।୧(ପି.ଏନ): ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଐତିହାସିକ ସ୍ମୃତି ବହନ କରୁଥିବା 'ଡାକୋଟା' ବିମାନ ବୁଧବାର ଭୁବନେଶ୍ୱରରେ ପହଂଚିଛି । ଦୀର୍ଘବର୍ଷ ଧରି କୋଲକାତାସ୍ଥିତ ନେତାଜୀ ସୁବାସଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନ ବନ୍ଦରରେ ଥିବା ଏହି ଡାକୋଟା ଡିସି-୩ ଭିଟି-ଏୟୁଆଇ ବିମାନକୁ ଓଡ଼ିଶା ଅଣାଯାଇଛି । ଭୁବନେଶ୍ୱରରେ ଡାକୋଟା ପହଂଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିମାନବନ୍ଦରରେ ପହଂଚି ଏହାକୁ ସମ୍ବର୍ଦ୍ଧନା ଜଣାଇଥିଲେ। ଡାକୋଟା ସହିତ ବିଜୁ ବାବୁଙ୍କ ଐତିହାସିକ ସ୍ମୃତି ଯୋଡି ହୋଇ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ।୩ଟି ବଡ଼ ଟ୍ରଲର ସହାୟତାରେ ଏହି ଡାକୋଟା ବିମାନର ଅଂଶବିଶେଷ ଭୁବନେଶ୍ୱରରେ ପହଂଚିବା ପରେ ଏହାକୁ ସାଧାରଣ ଲୋକ ସ୍ୱାଗତ କରିଥିଲେ। ଡାକୋଟା ବିମାନଟିକୁ ମରାମତି କରାଯିବା ପରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସମ୍ମୁଖରେ ପ୍ରଦର୍ଶିତ କରାଯିବ ।ଭୁବନେଶ୍ୱରରେ ପହଂଚିବା ପୂର୍ବରୁ ବିଜୁବାବୁଙ୍କ ବିମାନକୁ ଦେଖିବା ପାଇଁ କଟକରେ ପ୍ରବଳ ଭିଡ଼ ଲାଗିଥିଲା। ଜଗତପୁର, ଶିଖରପୁର, ମଧୁପାଟଣା ମୁଖ୍ୟ ରାଜପଥ ଦେଇ ଡାକୋଟା ଭୁବନେଶ୍ୱର ଅଭିମୁଖେ ଆସିଥିଲା। ଡାକୋଟା ବିମାନଟିର ଲମ୍ବ



୬୪ ଫୁଟ ୮ ଇଂଚ। ଏହି ବିମାନର ଡେଣା ଗୁଡ଼ିକର ଚଉଡ଼ା ୯୫ ଫୁଟ। ୧୯୪୭ରେ ଡଚମାନେ ଇଣ୍ଡୋନେସିଆ ଦଖଲ କରିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ କଳିଙ୍ଗ ଏୟାଲାଇନ୍ସର ଦକ୍ଷ ପାଇଲଟ ବିଜୁ ପଟ୍ଟନାୟକ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣୋଙ୍କୁ ଏହି ବିମାନରେ ଯାଇ ଉଦ୍ଧାର କରିଥିଲେ। ତାଙ୍କର ଏହି ଦୁଃସାହସିକତା ପାଇଁ ଇଣ୍ଡୋନେସିଆ ସରକାର ତାଙ୍କୁ 'ଭୂମିପୁତ୍ର' ଆଖ୍ୟା ଦେଇଥିଲେ। ବିଜୁ ପଟ୍ଟନାୟକ ଚଳାଉଥିବା ଡାକୋଟା ବିମାନ ତାଙ୍କର ସ୍ମୃତିକୁ ତାଜା କରିବା ସହ ତାଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରିବ। ଦୀର୍ଘବର୍ଷ ଧରି କୋଲକାତା ବିମାନବନ୍ଦରରେ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବା ପ୍ରାୟ ୮ଟନ୍ ଓଜନର ଏହି ଡକୋଟା ବିମାନକୁ ଓଡ଼ିଶା ଆଣିବା ପାଇଁ ରାଜ୍ୟ ସରକାର ଦୀର୍ଘଦିନ ଧରି ପ୍ରୟାସ କରୁଥିଲେ। ବିଜୁ ପଟ୍ଟନାୟକଙ୍କ ଦ୍ୱାରା କଳିଙ୍ଗ ଏୟାରଲାଇନ୍ସ ସ୍ଥାପନ କରାଯାଇଥିଲା, ଯେଉଁଥିରେ ପ୍ରାୟ ୧୪ରୁ ଅଧିକ ଡକୋଟା ବିମାନ ଥିଲା ଓ ଯାହାର ମୁଖ୍ୟାଳୟ କୋଲକାତାରେ ରହିଥିଲା।

## ପିଜି ନାମଲେଖାରେ ଅନିୟମିତତା: ୨ ବିଶ୍ୱବିଦ୍ୟାଳୟ ଓ ୨୩ ଡିଗ୍ରୀ କଲେଜକୁ ନୋଟିସ୍

ଭୁବନେଶ୍ୱର,୧୮।୧(ପି.ଏନ): ପିଜି ନାମଲେଖାରେ ଅନିୟମିତତା ଓ ଷ୍ଟୁଡେଣ୍ଟସ୍ ଏକାଡେମିକ ମ୍ୟାନେଜମେଂଟ ସିଷ୍ଟମ(ସାମସ) ସର୍ତ୍ତାବଳୀକୁ ଉଲ୍ଲଘଂନ ଅଭିଯୋଗରେ ରାଜ୍ୟ ସରକାର ୨ଟି ବିଶ୍ୱବିଦ୍ୟାଳୟ ଓ ୨୩ଟି ଡିଗ୍ରୀ କଲେଜକୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିବା ଜଣାପଡିଛି । ପୂର୍ବରୁ ଚଳିତମାସ ୭ତାରିଖରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ୧୯ଟି ଡିଗ୍ରୀ କଲେଜକୁ ନାମଲେଖାରେ ଅନିୟମିତତା ପାଇଁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ ।ଉଚ୍ଚଶିକ୍ଷା ବିଭାଗର ସୂତ୍ର ଅନୁସାରେ, ଉଭୟ ଅଣ୍ଡର ଗ୍ରାଜୁଏଟ ଓ ପୋଷ୍ଟ ଗ୍ରାଜୁଏଟ(ପିଜି) ନାମଲେଖା ପାଇଁ ଇ-ଆଡମିଶନ ବ୍ୟବସ୍ଥା ବାଧ୍ୟତାମୂଳକ ହୋଇଥିବାବେଳେ ସାମସ୍ ପୋର୍ଟାଲ ମାଧ୍ୟମରେ ଏହି ପ୍ରକ୍ରିୟା ସମ୍ପାଦିତ ହେଉଛି । ତେବେ କିଛି କଲେଜ ଓ ବିଶ୍ୱବିଦ୍ୟାଳୟ ଇ-ଆଡମିଶନ ସର୍ତ୍ତାବଳୀକୁ ଉଲ୍ଲଘଂନ କରିବା ସହ ୨୦୨୨-୨୩ ଶିକ୍ଷାବର୍ଷରେ ଇ-ଆଡମିଶନ ପ୍ରକ୍ରିୟାରେ ସାମିଲ ନଥିବା ଛାତ୍ରଛାତ୍ରୀଙ୍କ ନାମକୁ ସାମସରେ ସାମିଲ କରିବା ପାଇଁ ବିଭାଗକୁ ଅନୁରୋଧ କରିଥିବାରୁ ଏଭଳି ଅନିୟମିତତାର ସନ୍ଦେହ ଉପୁଜିଛି । ଇ-ଆଡମିଶନ ପ୍ରକ୍ରିୟାକୁ ଅଣଦେଖା କରି ଛାତ୍ରଛାତ୍ରୀମାନେ ସିଧାସଳଖ ଏସବୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିବା ଅଭିଯୋଗ ହେଉଛି । ଏହି ଶିକ୍ଷାନୁଷ୍ଠାନ ମଧ୍ୟରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସାମିଲ ଅଛି ।ଏହି କାରଣରୁ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଜାରି କରାଯାଇଥିବା ନୋଟିସରେ ଉଲ୍ଲେଖ କରାଯାଇଛି ଯେ, ସାମସ୍ ପୋର୍ଟାଲ ମାଧ୍ୟମରେ ନାମ ନଲେଖାଇଥିବା ଛାତ୍ରଛାତ୍ରୀମାନେ ଇ-ଆଡମିଶନ ନିୟମର ସିଧାସଳଖ ଉଲ୍ଲଘଂନ କରିଛନ୍ତି ଓ ଏହା ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କୁପରିଚାଳନାକୁ ଉଜାଗର କରୁଛି । ଏହା ମଧ୍ୟ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ କ୍ୟାରିୟରକୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ଏଭଳି ସାମସ୍ ବା ଇ-ଆଡମିଶନ ପ୍ରକ୍ରିୟା ବାହାରେ ଛାତ୍ରଛାତ୍ରୀଙ୍କୁ ଆଡମିଶନ ଦେଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ଆସନ୍ତା ଜାନୁୟାରୀ ୨୦ତାରିଖ ସୁଦ୍ଧା ନିଜର ସ୍ପଷ୍ଟୀକରଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ, ସାମସରେ ଛାତ୍ରଛାତ୍ରୀଙ୍କ ଆଡମିଶନ ସଂକ୍ରାନ୍ତ ତଥ୍ୟ ଠିକ୍ ଭାବେ ଅପଡେଟ୍ କରିନଥିବା ଅଭିଯୋଗରେ ଜାନୁୟାରୀ ୭ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୯ଟି କଲେଜକୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଥିଲା ।

## ଓଡିଶାର ଗରିବ ଲୋକଙ୍କ ଅଧିକାର ଛଡାଇ ନେବାରେ ବିଜେପି ପାରଙ୍ଗମ : ବିଜେଡି

ଭୁବନେଶ୍ୱର, ୧୮।୧(ପି.ଏନ): ଗତ ୧୪ ବର୍ଷ ମଧ୍ୟରେ ରାଜ୍ୟ ବିଜେପି ଓଡିଶା ପାଇଁ ରଣନୀତି ବିଷୟରେ କହୁଛି ଏବଂ ଏଥିରେ ବିଫଳ ହେଉଛି । ଓଡିଶା ବିଜେପିର ଏକମାତ୍ର ଉଦ୍ଦେଶ୍ୟ ହେଉଛି କ୍ଷମତା ଏବଂ ରାଜନୀତି । ଓଡିଶାବାସୀଙ୍କ ପାଇଁ କାମ କରିବା କିମ୍ବା ଲୋକଙ୍କ ସମସ୍ୟାର ସମାଧାନ କରିବା ଏହାର ଉଦ୍ଦେଶ୍ୟ ନୁହେଁ ବୋଲି କହିଛନ୍ତି ରାଜ୍ୟ ବିଜେଡି ମୁଖପାତ୍ର ଡକ୍ଟର ଲେନିନ୍ ମହାନ୍ତି । ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ମନ୍ତବ୍ୟର ଜବାବ ଦେଇ ଡକ୍ଟର ମହାନ୍ତି କହିଛନ୍ତି ଯେ ଓଡିଶା ବିଜେପି ସବୁବେଳେ ରାଜ୍ୟର ଗରିବ ଲୋକଙ୍କ ଅଧିକାରକୁ ଛଡାଇ ନେଉଛି । ଓଡିଶାର ଗରିବଙ୍କୁ ମିଳିବାକୁ ଥିବା ଲକ୍ଷ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଘରକୁ ଅଟକାଇବା ହେଉ କିମ୍ବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ୫ କିଲୋଗ୍ରାମ ମାଗଣା ଚାଉଳକୁ ବନ୍ଦ କରିବା ହେଉ ।

## ଓଡିଶାର ୧୪୭ ସିଟରେ ଲଢ଼ିବ କେସିଆରଙ୍କ ପାର୍ଟି

ଭୁବନେଶ୍ୱର,୧୮।୧(ପି.ଏନ) : ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ଭାରତ ରାଷ୍ଟ୍ରୀୟ ସମିତି(ବିଆରଏସ) ପାର୍ଟି ଆଗାମୀ ସାଧାରଣ ନିର୍ବାଚନରେ ସମସ୍ତ ୧୪୭ଟି ବିଧାନସଭା ଆସନରେ ନିଜର ପ୍ରାର୍ଥୀ ଦେବ । ଆସନ୍ତା ଫେବୃୟାରୀ ମାସ ସୁଦ୍ଧା ଦଳ ଓଡିଶାରେ ଆନୁଷ୍ଠାନିକ ଭାବେ ତା'ର ଉପସ୍ଥିତି ଜାହିର କରିବ । ଆମ୍ ଆଦମୀ ପାର୍ଟି ପରେ କେସିଆରଙ୍କ ବିଆରଏସ୍ ଆଗାମୀ ସାଧାରଣ ନିର୍ବାଚନରେ ଓଡିଶା ଉପରେ ଫୋକସ୍ କରିବ ବୋଲି ସଙ୍କେତ ଦେଇଛି ।ଆଜି ତେଲେଙ୍ଗାନାର ଖମ୍ମମଠାରେ ଏକ ବିଶାଳ ସମାବେଶ କରି ନିଜର ଶକ୍ତି ପ୍ରଦର୍ଶନ କରିଥିବା କେସିଆରଙ୍କ ପାର୍ଟି ବିଆରଏସରେ ଓଡିଶାରୁ କୈଳାସ କୁମାର ମୁଖି ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି ।ଶ୍ରୀ ମୁଖି ପିସିସି ସମ୍ପାଦକ ପଦରୁ ଗତ ଦୁଇଦିନ ତଳେ ଇସ୍ତଫା ଦେଇଛନ୍ତି । କେସିଆରଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ଜୟରାମ ପାଙ୍ଗୀ ସାକ୍ଷାତ କରିଥିବାବେଳେ ଶ୍ରୀ ମୁଖି ପ୍ରଥମ ଓଡିଆ ଭାବେ ବିଆରଏସ୍ ପାର୍ଟିରେ ସାମିଲ ହୋଇଛନ୍ତି । ଶ୍ରୀ ମୁଖି ଓଡିଶାରେ କେସିଆରଙ୍କ ବିଆରଏସ୍ ପାର୍ଟିର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଓଡିଶାର ସମସ୍ତ ୧୪୭ଟି ବିଧାନସଭା ଆସନରେ ବିଆରଏସ୍ ପାର୍ଟି ନିଜର ପ୍ରାର୍ଥୀ ଦେବ । ଆସନ୍ତା ମାସେ-ଦେଢ଼ମାସ ମଧ୍ୟରେ ବିଆରଏସ ପାର୍ଟିରେ ରାଜ୍ୟର ୧୮-୨୦ଜଣ ପୂର୍ବତନ ବିଧାୟକ ଓ ସାଂସଦ ଯୋଗ ଦେବେ ।

## ୨୦୨୪ ପାଇଁ ରଣନୀତି ! କେସିଆରଙ୍କ ବୈଠକରେ ଅନେକ ବିରୋଧୀ ଦଳର ନେତା

ହାଇଦ୍ରାବାଦ,୧୮।୧(ପି.ଏନ): ଜାତୀୟସ୍ତରରେ ଅଣ ବିଜେପି ଓ ଅଣ କଂଗ୍ରେସ ମେଣ୍ଟ ଗଠନ କରି ନିଜର ଦବଦବା ଦେଖାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ଓରଫ କେସିଆର। ତାଙ୍କ ଦଳ ଟିଆରଏସ୍ ? ଭାରତ ରାଷ୍ଟ୍ର ସମିତି ବା ବିଆରଏସ୍ ? ଭାବେ ନାମିତ ହେବା ପରେ ଆଜି କେସିଆର ପ୍ରଥମ ବୈଠକର ଅଧକ୍ଷତା କରିଛନ୍ତି ।ନିଜକୁ ଜାତୀୟ ଚେହେରା ଭାବେ ଗ ? ତୋଳିବାକୁ ଲକ୍ଷ୍ୟ ରଖିଥିବା କେସିଆରଙ୍କ ଏହି ବୈଠକରେ ଅନେକ ବିରୋଧୀ ଦଳର ନେତା ଯୋଗ ଦେଇଥିଲେ। ଗୋଟିଏ ପଟେ କଂଗ୍ରେସ ବିରୋଧୀଙ୍କୁ ଏକାଠି କରିବାକୁ ଚାହୁଁଥିବା ବେଳେ ଅନ୍ୟପଟେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ବିଜେପି ବିରୋଧୀ ମେଣ୍ଟକୁ ସଶକ୍ତ କରିବାକୁ ପ୍ରୟାସ କରୁଛନ୍ତି। ହେଲେ ଏସବୁ ଭିତରେ କେସିଆର ଧସେଇ ପଶି ବାଜି ମାରିନେବା ଭଳି ମନେ ହେଉଛି ।କାରଣ ହାଇଦ୍ରାବାଦର ଖାମାମ ସହରରେ ବିଆରଏସ୍ ? ଆୟୋଜନ କରିଥିବା ବୈଠକରେ ଆମ୍ ଆଦମୀ



ପାର୍ଟି (ଆପ)ର ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ?, କେରଳ ମୁଖ୍ୟମନ୍ତ୍ରୀ ତଥା ସିପିଏମ ନେତା ପିନାରାଇ ବିଜୟନ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବ ଯୋଗ ଦେଇଛନ୍ତି। ସିପିଆଇ ପକ୍ଷରୁ ଡି ରାଜା ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ଏବେ କର୍ଣ୍ଣାଟକାରେ ପଦଯାତ୍ରା କରୁଥିବା ଜେଡିଏସର କୁମାରସ୍ୱାମୀ ଅବଶ୍ୟ ଏହି ବୈଠକରେ ଯୋଗ ଦେଇ ନାହାନ୍ତି। କିନ୍ତୁ ସେ କେସିଆରଙ୍କ ବିଆରଏସକୁ ସମର୍ଥନ କରିଛନ୍ତି।

୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଷ୍ଟେଜ ଶେୟାର କରି ଅଖିଲେଶ ଯାଦବ କହିଛନ୍ତି, "ଗତକାଲି ବିଜେପି (ଜାତୀୟ କାର୍ଯ୍ୟକାରିଣୀ) ବୈଠକ ଶେଷ ହୋଇଛି। ସେମାନେ ନିଜେ କହିଛନ୍ତି ଯେ ଆଉ ୪୦୦ ଦିନ ବାକି ଅଛି। ଏହି ସରକାର ନିଜ ଦିନ ଗଣିବା ଆରମ୍ଭ କଲାଣି। ୪୦୦ ଦିନ ପରେ ସେମାନେ ଆଉ କ୍ଷମତାରେ ରହିବେ ନାହିଁ।"କଂଗ୍ରେସର ଭାରତ ଯୋଡ ? ଯାତ୍ରା ଆଉ କିଛି ଦିନ ପରେ ଶେଷ ହେବ। ଏହାପୂର୍ବରୁ ହିଁ ବିରୋଧୀ ଦଳଗୁଡିକ କଂଗ୍ରେସକୁ ବାଦ ଦେଇ କେସିଆରଙ୍କ ନେତୃତ୍ୱରେ ବୈଠକ କରିଛନ୍ତି। କଂଗ୍ରେସ ପକ୍ଷରୁ ଭାରତ ଯୋଡ ? ଯାତ୍ରାର ଶେଷ ପର୍ଯ୍ୟାୟରେ ସାମିଲ ହେବାକୁ ସମାଜବାଦୀ ପାର୍ଟି ଓ ସିପିଏମ ସମେତ ୨୧ଟି ଦଳକୁ ନିମନ୍ତ୍ରଣ ଦିଆଯାଇଥିଲା। ତେବେ କେଜ୍ରିୱାଲଙ୍କ ଆପକୁ ଦଳ ଡାକି ନଥିଲା ।ଆଜି କେସିଆରଙ୍କ ବୈଠକରେ ଯୋଗ ଦେଇଥିବା ଦଳଗୁଡିକ କଂଗ୍ରେସର ଭାରତ ଯୋଡ ? ଯାତ୍ରାରେ ସାମିଲ ହୋଇନାହାନ୍ତି। ପୂର୍ବରୁ ଅଖିଲେଶ ଓ କେଜ୍ରିୱାଲ କଂଗ୍ରେସ ସହ ମେଣ୍ଟ କରିବେ ନାହିଁ ବୋଲି କହି ସାରିଛନ୍ତି। ଅବଶ୍ୟ ସିପିଏମ ଦୋଛକିରେ ରହିଛି। ଦଳ ତ୍ରିପୁରା ପାଇଁ କଂଗ୍ରେସ ସହ ସିଟ୍ ? ଶେୟାରିଂ ସମ୍ପର୍କରେ ଆଲୋଚନା କରୁଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜୟନ ଅଣ-କଂଗ୍ରେସ ଓ ଅଣ-ବିଜେପି ମେଣ୍ଟ ସପକ୍ଷରେ ମତ ରଖିଥିଲେ। କିନ୍ତୁ ସେତେବେଳେ ଏହା ବିଫଳ ହୋଇଥିଲା। ଅଧିକାଂଶ ଆଞ୍ଚଳିକ ଦଳର ନେତାମାନେ ଏହି ମେଣ୍ଟକୁ ସମର୍ଥନ ଦେଇ ନଥିଲେ।

## ରାଜ୍ୟ ପଣ୍ୟାଗାର ନିଗମକୁ ସ୍କଚ୍ ଆୱାର୍ଡ ପ୍ରଦାନ



ଭୁବନେଶ୍ୱର,୧୮।୧(ପି.ଏନ): ପଣ୍ୟାଗାର ଗୁଡିକର ବିକାଶ ଓ ଆନୁସଙ୍ଗିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶା ରାଜ୍ୟ ପଣ୍ୟାଗାର ନିଗମକୁ ସ୍କଚ୍ ଅର୍ଡର ଅଫ ମେରିଟ-୨୦୨୨ ରେ ସମ୍ମାନିତ କରାଯାଇଛି ଓ ପଣ୍ୟାଗାର ଗୁଡିକର ସୁପରିଚାଳନା ପାଇଁ Warehouse Management Solution କୁ କାର୍ଯ୍ୟକାରୀ କରିବାପାଇଁ କମ୍ପୁଟରୀକରଣ ମାଧ୍ୟମରେ ଗ୍ରହଣ କରାଯାଇଥିବା ପଦକ୍ଷେପ ପ୍ରଶଂସନୀୟ ଅଟେ ଓ ରାଜ୍ୟ ସରକାରଙ୍କର 5T ପଦକ୍ଷେପ ଅନୁଯାୟୀ ନିଗମ ଏହାର କାର୍ଯ୍ୟଧାରାକୁ ଅଧିକ ସ୍ୱଚ୍ଛ ଓ କ୍ରିୟାଶୀଳ କରିବାପାଇଁ ଡିଜିଟାଇଜେସନ ପ୍ରକ୍ରିୟାରେ ଖାଦ୍ୟ ଶସ୍ୟ ତଥା କୃଷିଜାତ ସାମଗ୍ରୀର ସଂରକ୍ଷଣ ବ୍ୟବସ୍ଥାକୁ ସୁସଂଗଠିତ କରିବାପାଇଁ କାର୍ଯ୍ୟକାରୀ କରିଥିବା ପ୍ରଯୁକ୍ତି ବିଦ୍ୟାର ଉପାଦେୟତାକୁ ସ୍କଚ୍ କମିଟି ଅନୁଧ୍ୟାନ କରି ଏହି ସମ୍ମାନ ପ୍ରଦାନ କରିଅଛି । ଏହି ପ୍ରକ୍ରିୟା ଦ୍ୱାରା ଗୋଦାମ ଘର ଗୁଡିକରେ ଗଛିତ ଦ୍ରବ୍ୟର ଦେଣନେଣ, ସଂରକ୍ଷଣ ଗୁଣବତ୍ତା ନିୟନ୍ତ୍ରଣ, ଷ୍ଟକ୍‌ର ଯାଞ୍ଚ ପ୍ରକ୍ରିୟା, ଆକାଉଣ୍ଟ ଏବଂ ବିଲିଂ ଓ ମାନବ ସମ୍ବଳ ପରିଚାଳନାକୁ ସୁଚାରୁରୂପେ ନିୟନ୍ତ୍ରଣ କରାଯାଇପାରିବ । ମୁଖ୍ୟ କାର୍ଯ୍ୟ ।ଳୟରୁ ଡ୍ୟାସବୋର୍ଡ ମାଧ୍ୟମରେ ପଣ୍ୟାଗାର ଗୁଡିକରେ ଗଛିତ ସାମଗ୍ରୀର ସ୍ଥିତାବସ୍ଥା ।କୁ ପ୍ରକୃତ ସମୟ ଆଧାରରେ ତଦାରଖ କରିବା ସଙ୍ଗେ ସଙ୍ଗେ ପଣ୍ୟାଗାର ପରିଚାଳନା ସଂପର୍କିତ ନିଷ୍ପତିକୁ ତ୍ୱରାନ୍ୱିତ କରିହେବ । ଆଭାସି ମାଧ୍ୟମରେ ଆୟୋଜିତ ସମାରୋହରେ ନିଗମର ପରିଚାଳନା ନିର୍ଦ୍ଦେଶକ ଡ. ଗଣେଶ୍ୱର ଜେନା ସ୍କଚ୍ ଅର୍ଡର ଅଫ ମେରିଟ-୨୦୨୨ ର ମାନପତ୍ର ଗ୍ରହଣ କରିଛନ୍ତି ଓଏହି ସମ୍ମାନ ଜନକ ପୁରସ୍କାର ପାଇଁ ଅଧକ୍ଷ ଶ୍ରୀ ମହେନ୍ଦ୍ର ବଡାଇ ଓ ପରିଚାଳନା ନିର୍ଦ୍ଦେଶକ ଡ. ଜେନା ନିଗମର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

## ବନ୍ଧା ହେଲେ ଜିଲ୍ଲା ଛାତ୍ର ବିଜେଡି ସଭାପତି

ସୁନ୍ଦରଗଡ଼ ,୧୮।୧(ପି.ଏନ) : ସୁନ୍ଦରଗଡ଼ ଜିଲ୍ଲା ଛାତ୍ର ବିଜେଡି ସଭାପତି ସେହବାଜ ସୟଦ ହୁସେନ ଗିରଫ ହୋଇଛନ୍ତି। ବିଶ୍ୱକପ୍ ଟ୍ରଫି ଶୋଭାଯାତ୍ରା ବେଳେ ପିଡି ଡିଆରଡିଏ ଓ ବିଜେଡି କର୍ମୀଙ୍କ ମଧ୍ୟରେ ହୋଇଥିବା ଧସ୍ତାଧସ୍ତି ମାମଲାରେ ତାଙ୍କୁ ଗିରଫ କରିଛି ପୁଲିସ୍। ଅତିରିକ୍ତ ତହସିଲଦାରଙ୍କ ଏତଲା ଆଧାରରେ ଗିରଫ କରିଛି ଟାଉନ ଥାନା ପୁଲିସ୍। ବିଶ୍ୱକପ୍ ହକି ଟ୍ରଫି ମଙ୍ଗଳବାର ସୁନ୍ଦରଗଡ ମ୍ୟୁନିସିପାଲିଟି ପରିକ୍ରମା କରୁଥିଲା। ଟ୍ରଫିଟି ନୂଆବସ୍ ଷ୍ଟାଣ୍ଡରୁ ବାହାରି ବୟନିକା ଛକ ଅଭିମୁଖେ ଆସିଲା ବେଳେ ରାସ୍ତାରେ ଜୟ ଜଗନ୍ନାଥ ଟ୍ରକ୍ ଆସୋସିଏସନ୍ ପକ୍ଷରୁ ଭବ୍ୟ ସ୍ୱାଗତ ପାଇଁ ବ୍ୟବସ୍ଥା କରାଯାଇଥିଲା। ସ୍ୱାଗତ କରିବା ପାଇଁ ସୁନ୍ଦରଗଡର ପୂର୍ବତନ ବିଧାୟକ ତଥା ବିଜେଡି ନେତା ଯୋଗେଶ ସିଂ, ତଲସରାର ପୂର୍ବତନ ବିଧାୟକ ଡକ୍ଟର ପ୍ରଫୁଲ୍ଲ ମାଝି ଓ ବିଜେଡି କର୍ମୀମାନେ ଅପେକ୍ଷା କରିଥିଲେ ।ଟ୍ରଫି ଥିବା ଗାଡିଟି ପହଞ୍ଚିବା ପରେ ଯୋଗେଶ ସିଂ, ଡକ୍ଟର ପ୍ରଫୁଲ୍ଲ ମାଝି ଓ ବିଜେଡି କର୍ମୀମାନେ ଗାଡି ଉପରେ ଚଢ଼ିଯାଇ ସେଲ୍‌ଫି ଉଠାଉଥିଲେ। ଯାହାକୁ ବିରୋଧ କରିଥିଲେ ପିଡି ଡିଆରଡିଏ ମନୋଜ ସତ୍ୟବାନ ମହାଜନ। ସେ ଦୁଇ ପୂର୍ବତନ ବିଧାୟକଙ୍କୁ ଗାଳି ଦେଇଥିବା ଅଭିଯୋଗ ହୋଇଥିଲା। ଏପରିକି ବିଜେଡି ନେତା ଯୋଗେଶ ସିଂଙ୍କୁ ଜବରଦସ୍ତି ଗାଡିରୁ ତଳକୁ ଟାଣି ଆଣିଥିବା ଅଭିଯୋଗ ହୋଇଥିଲା। ଏହା ପରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ବିଜେଡି ନେତା ଓ କର୍ମୀମାନେ ଜିଲ୍ଲାପାଳ ଡା ପରାଗ ହର୍ଷଦ ଗଭାଲି ଓ ପିଡି ଡିଆରଡିଏ ମନୋଜ ସତ୍ୟବାନ ମହାଜନଙ୍କୁ ଗାଳିଗୁଲଜ କରିବା ସହ ଟଣାଓଟରା କରିଥିଲେ ।ଏହି ଘଟଣାରେ ଅତିରିକ୍ତ ତହସିଲଦାର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଜିଲ୍ଲା ଛାତ୍ର ବିଜେଡି ସଭାପତି ସେହବାଜ ସୟଦ ହୁସେନଙ୍କ ସମେତ ତିନି ଜଣଙ୍କୁ ଗିରଫ କରିଛି।

## ଗୃହ ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀଙ୍କ ଘରକୁ ଅଣ୍ଡାମାଡ଼

ଭୁବନେଶ୍ୱର,୧୮।୧(ପି.ଏନ): ମହିଳା କ୍ରିକେଟ୍‌ର ରାଜଶ୍ରୀ ସ୍ୱାଇଁ ମୃତ୍ୟୁ ଏବଂ ଭୁବନେଶ୍ୱରରେ ୨ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣାକୁ ବିରୋଧ କଲା ଛାତ୍ର କଂଗ୍ରେସ । ଛାତ୍ର କଂଗ୍ରେସ କର୍ମୀ ମାନେ ଏହି ୨ଟି ଘଟଣାକୁ ପ୍ରତିବାଦ କରି ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଘର ଉପରକୁ ଅଣ୍ଡାମାଡ଼ କରିଛନ୍ତି । । ଛାତ୍ର କଂଗ୍ରେସ କର୍ମୀ ମାନେ ଏହିଘଟଣାର ପ୍ରତିବାଦ କରିବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

## ବିଧାୟକଙ୍କ ଛତ୍ରଛାୟା ତଳେ କଲେଜରେ ହରିଲୁଟ ଚାଲିଥିବା ନେଇ ଅଭିଯୋଗ କଲା ସଚେତନ ନାଗରିକ କମିଟି

ବୌଦ୍ଧ, ୧୮।୧(ପି.ଏନ): କଂଟାମାଳ ବିଧାୟକଙ୍କ ଛତ୍ରଛାୟା ତଳେ କଂଟାମାଳ କଲେଜରେ ହରିଲୁଟ ଚାଲିଥିବା ନେଇ ଅଭିଯୋଗ କରିଛି କଂଟାମାଳ ନାଗରିକ କମିଟି । କଂଟାମାଳ କଲେଜରେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସୁରକ୍ଷିତ ନଥିବା ସହ କଲେଜ ଅଧକ୍ଷାଙ୍କ ଅପାରଗତାରୁ ନାନାଦି ସମସ୍ୟା ସୃଷ୍ଟି ହେଉଥିବା କୁହାଯାଇଛି । କଂଟାମାଳ ଠାରେ ନାଗରିକ କମିଟିର ସଭାପତି କେଦାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ଓମ ପ୍ରକାଶ ମିଶ୍ର, ଯଦୁ ବିହାରୀ ବାଗ, ରାମ ତାଣ୍ଡି ପ୍ରମୁଖ ବିଭିନ୍ନ ଅଭିଯୋଗ ନେଇ ମତପ୍ରଦାନ କରିଥିଲେ । ଆଗାମୀ ୭ ଦିନ ମଧ୍ୟରେ କଲେଜରେ ନୂତନ ଯୋଗ୍ୟ ଅଧକ୍ଷ ନିଯୁକ୍ତି କରାଯିବା, କଲେଜର ବିଭିନ୍ନ କମିଟିର ବିନା ଅନୁମୋଦନରେ ହୋଇଥିବା ନିର୍ମାଣ କାମ ର ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବୀ କରାଯାଇଛି । କଲେଜର କମ୍ପୁଟର, ଲାଇବ୍ରେରୀ ବହି କିଣାଯିବା ଆଦିରେ ବ୍ୟାପକ ଦୁର୍ନିତୀ ହୋଇଥିବା ଅଭିଯୋଗ କରାଯାଇଛି । ଜିଲା ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ କଂଟାମାଳ ନାଗରିକ କମିଟି ଜନ ଆନ୍ଦୋଳନ ଆରମ୍ଭ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି । କଂଟାମାଳ କଲେଜକୁ ଆସୁଥିବା ଅନୁଦାନକୁ ସଠିକ୍ ବିନିଯୋଗ ହେଉ ନଥିବା ବେଳେ ସରକାରୀ ଅନୁଦାନ ବ୍ୟାପକ ଅନିୟମିତତା କରିଥିବା ନେଇ କଂଟାମାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ସାମ୍ବାଦିକ ସମ୍ମିଳନୀରେ ଗୁରୁତର ଅଭିଯୋଗ ହୋଇଛି । ନିମ୍ନମାନର ଜିନିଷ କିଣି ସରକାରୀ ଅର୍ଥ ଆତ୍ମସାତ କରାଯାଇଛି । ନାକ୍ କମିଟି ଅନୁମୋଦନ ପରେ କଲେଜରେ ଜଣେ ପିଏଚଡି ଡିଗ୍ରୀ ଧାରୀ ଅଧକ୍ଷଙ୍କୁ ନିଯୁକ୍ତି ଦେବାର ନିୟମ ଥିଲେ ସୁଦ୍ଧା ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ବାର୍ଷିକ ରିପୋର୍ଟ ନଦେବା ଯୋଗୁଁ ନାକ କମିଟିର ଅନୁଦାନରୁ କଲେଜ ଦୀର୍ଘ ୬ବର୍ଷ ହେବ ବଂଚିତ ରହିଛି । କଲେଜ ପରିଚାଳନା କମିଟିର ବିନା ଅନୁମୋଦନରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଚାଲୁଥିବା କମିଟି ଅଭିଯୋଗ କରିଛି । ଅନ୍ୟପଟେ କଲେଜରେ ଚାଲୁଥିବା ଘର କାମ । ସରକାରୀ ନିୟମକୁ ବେଖାତିର କରି ବିନା ପିଲର ( ଖମ୍ ) ସହ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ଚାଲୁଛି । କଲେଜରେ ପିଏଚଡି ଡିଗ୍ରୀଧାରୀ ଅଧକ୍ଷଙ୍କୁ ନିଯୁକ୍ତି କରିବା ସହ ଉକ୍ତ ଅନିୟମିତତାର ଭିଜିଲାନ୍ସ ତଦନ୍ତ କରିବାକୁ କମିଟି ଦାବି କରିଛି । ଏ ସମ୍ପର୍କରେ ଛାତ୍ରଛାତ୍ରୀ ମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ଅଭିଯୋଗ ହୋଇଛି । ଉକ୍ତ ଦାବି ୭ଦିନ ମଧ୍ୟରେ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ସଚେତନ ନାଗରିକ କମିଟି ଚେତାବନୀ ଦେଇଛି ।

## ବିଶ୍ୱକପ୍ ହକି ଉପଲକ୍ଷେ ମହର୍ଷି ପବ୍ଲିକ ସ୍କୁଲ ପକ୍ଷରୁ ଶୋଭାଯାତ୍ରା




ଭୁବନେଶ୍ୱର,୧୮।୧(ପି.ଏନ) : ନୟାପଲ୍ଲିସ୍ଥିତ ମହର୍ଷି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ହକି ବିଶ୍ୱକପ ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଅଛି। ହକିର ପ୍ରଚାର ଓ ପ୍ରସାର ଓ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ଼ ଧରି ଆଇଆରସି ଭିଲେଜ ପରିକ୍ରମା କରିଥିଲେ। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ମାନସିରାଣୀ ସୁନ୍ଦରାୟ ଓ ସ୍କୁଲର ନିର୍ଦ୍ଦେଶିକା ଶ୍ରୀମତୀ ହେନା ମହାପାତ୍ର ଯୋଗଦେଇ ଦେଇଥିଲେ।





# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡି, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କି ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୩, ଜାନୁଆରୀ ୧୯

# କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ କେବେ ?


ଡ଼ଃ.ଅରୁନ୍ଧତୀ ଦେବୀ

ପଛୁଆ ଜାତି ତାଲିକାରେ ଓଡ଼ିଶାରୁ ଆଉ ୨୨ଟି ଜାତିର ନାମ ଯୋଡ଼ିବା ପାଇଁ ରାଜ୍ୟ ପଛୁଆବର୍ଗ କମିଶନ ସରକାରଙ୍କୁ ସୁପାରିଶ କରିଥିବାବେଳେ ଏଯାବତ୍ କିନ୍ତୁ ଜାତିଭିତ୍ତିକ ଜନଗଣନା ହୋଇନାହିଁ କିମ୍ବା ଏହି ବର୍ଗରୁ କ୍ୱାଣ୍ଟିଫିଏବୁଲ ଡାଟା ସଂଗୃହୀତ ହୋଇପାରିନାହିଁ। ଭାରତର ଶେଷ ଜାତିଭିତ୍ତିକ ଜନଗଣନା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ୧୯୩୧ ମସିହାରେ ହୋଇଥିଲା। ବିଶ୍ୱନାଥ ପ୍ରତାପ ସିଂହଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୯୦ ଦଶକରେ ପ୍ରଥମ ଭାଗରେ ମଣ୍ଡଳ କମିଶନ ସୁପାରିଶ ଆଧାରରେ ପଛୁଆବର୍ଗଙ୍କ ପାଇଁ ସରକାରୀ ଚାକିରିରେ ୨୭% ସ୍ଥାନ ସଂରକ୍ଷଣ କରାଯିବା ବେଳେ ମଧ୍ୟ ଜାତିଭିତ୍ତିକ ଜନଗଣନା ହୋଇନଥିଲା। ଏଠାରେ ଉଲ୍ଲେଖନୀୟ ଯେ ୭୦ ଦଶକରେ ଶେଷ ଭାଗରେ ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ବିହାରର ଜଣେ ବରିଷ୍ଠ ରାଜନେତା ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏହି କମିଶନ ଗଢ଼ାଯାଇଥିଲା। ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୫୦% ମଧ୍ୟରେ ସୀମିତ ରଖିବା ଲାଗି ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶର ଅନୁପାଳନ କରି କେନ୍ଦ୍ର ସରକାର ପଛୁଆବର୍ଗଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। କାରଣ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଜନସଂଖ୍ୟା ଆଧାରରେ ୨୨.୫% ସ୍ଥାନ ସଂରକ୍ଷଣ ଦିଆଯାଇଥିବାରୁ କେନ୍ଦ୍ର ସରକାର ଏହା ରଖିବାକୁ ବାଧ୍ୟ ହୋଇଥିଲେ। ସେତେବେଳେ ଓଡ଼ିଶା ସରକାର ମଣ୍ଡଳ କମିଶନଙ୍କ ସୁପାରିଶ ଗ୍ରହଣ କରିନଥିଲେ ଏବଂ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଜଷ୍ଟିସ ନବ କିଶୋର ଦାସ କମିଶନ ବସାଇଥିଲେ। ଏହି କମିଶନ ମଧ୍ୟ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୫୦ ପ୍ରତିଶତ ସୁପାରିଶ କରିଥିଲେ।

ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସଂଖ୍ୟା ଜାତୀୟ ହାର ଠାରୁ ଢ଼େର ଅଧିକ। ଆମ ରାଜ୍ୟରେ ଜନସଂଖ୍ୟା ଭିତ୍ତିରେ ଏହି ଦୁଇ ବର୍ଗଙ୍କ ଲାଗି ଚାକିରି କ୍ଷେତ୍ରରେ ୩୮.୭୫% ସ୍ଥାନ ସଂରକ୍ଷଣ ଥିବାରୁ ରାଜ୍ୟ ସରକାର ପଛୁଆବର୍ଗଙ୍କ ପାଇଁ ୨୭% ବଦଳରେ ୧୧.୨୫% ଆସନ ସଂରକ୍ଷିତ ରଖିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣତି କରି ରାଜ୍ୟ ସରକାର ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦେଇଥିଲେ ମଧ୍ୟ ଏହା ଅଦାଲତରେ କାଟ୍ ଖାଇଯାଇଥିଲା। ଓଡ଼ିଶା ସରକାରଙ୍କ ୨୭% ସଂରକ୍ଷଣ ବ୍ୟବସ୍ଥାକୁ ରଦ୍ଦ କରିବା ବେଳେ ଅଦାଲତ ସ୍ପଷ୍ଟ ଭାବେ କହିଥିଲେ ଯେ ପଛୁଆବର୍ଗଙ୍କ ପ୍ରସଙ୍ଗରେ କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ କରାଯିବା ଆବଶ୍ୟକ। ଏହାଛଡ଼ା ଏହି ସଂରକ୍ଷଣ ପ୍ରସଙ୍ଗକୁ ମଧ୍ୟ ସମ୍ବିଧାନର ୩୨ (କ) ଧାରା ଅନୁଯାୟୀ ନବମ ଅନୁଚ୍ଛେଦରେ ସ୍ଥାନିତ କରାଯିବା କଥା। ତେବେ ରାଜ୍ୟ ସରକାରଙ୍କ ଏହି ୨୭% ସଂରକ୍ଷଣ ଆଇନ ପ୍ରାୟ ୧୦ ବର୍ଷ ତଳୁ ରଦ୍ଦ ହୋଇଯାଇଥିଲେ ମଧ୍ୟ ଏଯାବତ କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ ସହିତ ଏହି ବର୍ଗରୁ କ୍ରିମିଲେୟାରମାନଙ୍କୁ ଚିହ୍ନଟ କରାଯାଇନାହିଁ। ଓଡ଼ିଶାରେ କେଉଁ ଜାତିର କେତେ ଲୋକ ଅଛନ୍ତି ତାହା ଜାଣିବା ପାଇଁ ଜାତୀୟ ଜନଗଣନା ଜାତିଭିତ୍ତିକ ତଥ୍ୟ ଆବଶ୍ୟକ। କିନ୍ତୁ କେନ୍ଦ୍ରସରକାର ଜାତିଭିତ୍ତିକ ଜନଗଣନା ଉପରେ ଗୁରୁତ୍ୱ ଦେଉନଥିବା ବେଳେ ବିହାର ସରକାର ନିଜ ଆଡ଼ୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ତାହାକୁ ବିରୋଧ କରି ଆଇନ ଅଦାଲତରେ ମଧ୍ୟ ମାମଲା ରୁଜୁ ହୋଇଛି। ଏ ପରିପ୍ରେକ୍ଷୀରେ ଓଡ଼ିଶା ସମେତ ବହୁ ରାଜ୍ୟଙ୍କ ନଜର ବିହାର ମାମଲା ଉପରେ ରହିଛି।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ଷଟ୍‌ତିଳ ଏକାଦଶୀ


ଗୋପୀନାଥ ଦାଶ

ପୃଥିବୀରେ କର୍ମ ଅନୁଯାୟୀ ପାପ ଏବଂ ପୁଣ୍ୟର ଲେଖାଜୋଖା ପ୍ରସ୍ତୁତ ହୋଇଥାଏ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ସଂସାରରୁ କୌଣସି ଜୀବ କର୍ମ ନକରି ରହିପାରେ ନାହିଁ । ସେଥିପାଇଁ ଜାଣତରେ ହେଉ ଅବା ଅଜାଣତରେ, ପ୍ରାଣୀ କୌଣସି ନା କୌଣସି ପାପ କରିପକାଇଥାଏ । ପାପରୁ ମୁକ୍ତି ପାଇବା ପାଇଁ ମଧ୍ୟ କର୍ମ କରିବାକୁ ପଡ଼ିଥାଏ । ପାପ କର୍ମରୁ ମୁକ୍ତି ପାଇବା ଲାଗି ଶାସ୍ତ୍ରରେ ଅନେକ ପ୍ରକାରର ଉପାୟ ବର୍ଣ୍ଣିତ । ଏଭଳି ଏକ କର୍ମ ହେଉଛି ମାଘ ମାସ କୃଷ୍ଣପକ୍ଷରେ ପଡୁଥିବା ଏକାଦଶୀ ବ୍ରତ । ଏହି ଏକାଦଶୀକୁ ଷଟ୍‌ତିଳ ଏକାଦଶୀ କୁହାଯାଇଥାଏ । ନାମ ଅନୁଯାୟୀ ଏହି ଏକାଦଶୀରେ ଛଅ ପ୍ରକାରର ତିଳର ଉପଯୋଗ କରିବା ଶ୍ରେଷ୍ଠ ଫଳ ପ୍ରଦାନ କରିଥାଏ । ଷଟ୍‌ତିଳ ଏକାଦଶୀ ବ୍ରତ ରଖିବାକୁ ଚାହୁଁଥିବା ସୁଧିଜନମାନେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ନିତ୍ୟକର୍ମ ସାରିବା ପରେ ତିଳର ମିଶ୍ରଣ ଲଗାଇ ସ୍ନାନ କରିବା ଉଚିତ । ଏହାପରେ ଭଗବାନ ଶ୍ରୀକୃଷ୍ଣଙ୍କୁ ତିଳରୁ ପ୍ରସ୍ତୁତ ପ୍ରସାଦ ଅର୍ପଣ କରିବା ଏବଂ ତିଳରେ ହୋମ କରନ୍ତୁ । ଏହି ଏକାଦଶୀ ବ୍ରତରେ ତିଳ ଦାନ କରିବା ଉତ୍ତମ ଫଳ ପ୍ରଦାନ କରିଥାଏ । ଏହି ଦିନରେ ତିଳ ମିଶ୍ରିତ ଜଳ ପାନ କରିବା ଉଚିତ । ଏହି ବ୍ରତ କରିପାରୁନଥିବା ବ୍ୟକ୍ତି ଯଥା ସମ୍ଭବ ତିଳ ଉପଯୋଗ କରିବା ଉଚିତ୍ । ଏହାଦ୍ୱାରା ମଧ୍ୟ ପାପକ୍ଷୟ ହୋଇଥାଏ । ଏହି ପବିତ୍ର ଷଟ୍‌ତିଳ ଏକାଦଶୀ ତିଥିରେ ଯାଜପୁର ଜିଲ୍ଲା ପଲାଇ ରାଜସ୍ୱମୌଜା ଅନ୍ତର୍ଗତ ଓଲାଶୁଣୀ ଗୁମ୍ଫା ପାହାଡ଼ରେ ଓଡ଼ିଶା ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫା ଯାତ୍ରା ଆରମ୍ଭ ହୋଇଥାଏ। ଏଥିରେ ସମଗ୍ର ଭାରତରୁ ହଜାର ହଜାର ସାଧୁସନ୍ଥ ଯୋଗଦାନ କରିଥାନ୍ତି।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଦୂରଭାଷ : ୮୮୯୫୨୯୬୧୬୭*

# ସଡକ ନେଉଛି ଜୀବନ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସଡକ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ରୋକିବା ଲାଗି ଜନ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଜାନୁୟାରୀ ମାସ ଦ୍ୱିତୀୟ ସପ୍ତାହରେ ଆମ ଦେଶରେ ସଡକ ସୁରକ୍ଷା ସପ୍ତାହ ପାଳିତ ହେଉଛି। ମାତ୍ର ଦେଶରେ ଯେଉଁଭଳି ଭାବେ ପ୍ରତିବର୍ଷ ସଡକ ଦୁର୍ଘଟଣା ଓ ମୃତାହତଙ୍କ ସଂଖ୍ୟା ବଢିଚାଲିଛି ଏହାକୁ କେବଳ ଲୋକଦେଖାଣିଆ ବୋଲି କୁହାଯାଇପାରିବ। ଦେଶରେ ସଡକ ଦୁର୍ଘଟଣା ଓ ମୃତାହତଙ୍କ ସଂଖ୍ୟା ନେଇ କେନ୍ଦ୍ର ସଡକ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ପ୍ରତି ୩ ମିନିଟରେ ଜଣେ ଲୋକର ମୃତ୍ୟୁ ଘଟୁଥିବାବେଳେ ଦୈନିକ ୧୮ ଜଣଙ୍କର ମୃତ୍ୟୁ ଘଟୁଛି। ଯାହାକି ଅତ୍ୟନ୍ତ ଉଦବେଗଜନକ। ସଡକ ଦୁର୍ଘଟଣା ଓ ମୃତାହତଙ୍କ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ, ୨୦୨୧ରେ ମୋଟ ୪,୧୨,୪୩୨ଟି ଦୁର୍ଘଟଣା ଘଟିଥିବାବେଳେ ୧,୫୩,୯୭୨ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ୩,୮୪,୪୮୮ ଜଣ ଆହତ ହୋଇଥିଲେ। ଏହି ଦୁର୍ଘଟଣା ମଧ୍ୟରୁ ଜାତୀୟ ରାଜପଥରେ ୧,୨୮,୮୨୫ଟି ଘଟିଥିବାବେଳେ ଏକ୍ସପ୍ରେସ ହାଇୱେରେ ୯୬,୩୮୨, ରାଜ୍ୟ ରାଜପଥରେ ୧,୮୭,୨୨୫ଟି ଘଟିଛି। ସେହିପରି ମୃତକଙ୍କ ମଧ୍ୟରୁ ଜାତୀୟ ରାଜପଥ ଦୁର୍ଘଟଣାରେ ୫୬,୦୦୭ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ରାଜ୍ୟ ରାଜପଥରେ ୩୭,୯୬୩ ଜଣଙ୍କର ଏବଂ ଅନ୍ୟ ସଡକ ଗୁଡିକରେ ୬୦,୦୦୨ ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି। ସେହିପରି ୨୦୨୧ରେ ଅତି ଦ୍ରୁତରେ ଗାଡି ଚାଳନାରେ ୧,୦୭,୨୩୬ ଜଣ ମୃତ୍ୟୁବରଣ କରିଥିବା ସମୟରେ ମଦ୍ୟପାନ ଜନିତ ଗାଡି ଚାଳନାରେ ୩୩୧୪ ଜଣଙ୍କର ମୃତ୍ୟୁ ଘଟିଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ପୂର୍ବବର୍ଷ ତୁଳନାରେ ୨୦୨୧ରେ ଦୁର୍ଘଟଣା ସଂଖ୍ୟା ୧୨.୬%, ମୃତକଙ୍କ ସଂଖ୍ୟା ୧୬.୯% ଏବଂ ଆହତଙ୍କ ସଂଖ୍ୟା ୧୦.୩୯ ପ୍ରତିଶତ ବୃଦ୍ଧି ପାଇଛି। କେବଳ ଏତିକି ନୁହେଁ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ପ୍ରତିବର୍ଷ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢିଚାଲିଛି। ଗତ ୫ ବର୍ଷରେ ଅର୍ଥାତ୍ ୨୦୧୬ରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ୨୮.୩% ବୃଦ୍ଧି ପାଇଥିବାବେଳେ ୨୦୧୭ରେ ୨୯%, ୨୦୧୮ରେ ୨୯.୫%, ୨୦୧୯ରେ ୩୦.୭% ଏବଂ ୨୦୨୦ରେ ୩୪.୫% କୁ ବୃଦ୍ଧି ପାଇଥିଲା। ମୃତକଙ୍କ ମଧ୍ୟରୁ କେବଳ ୬୭.୪ ପ୍ରତିଶତ ହେଉଛନ୍ତି ୧୮ରୁ ୪୫ବର୍ଷ ମଧ୍ୟରେ ବୟସ୍କ ଯୁବକ ଥିବା କୁହାଯାଇଛି। ଅତି ଦ୍ରୁତବେଗରେ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚଳାଇବା, ଭୁଲ ରାସ୍ତାରେ ଗାଡି ଚାଳନା, ସିଟ୍ ବେଲଟ୍ ଓ ହେଲମେଟ୍ ନପିନ୍ଧିବା ସହ ଖରାପ ରାସ୍ତା ଯୋଜନା ଏବଂ ରାସ୍ତାରେ ଗର୍ତ୍ତ, ଟ୍ରାଫିକ ନିୟମ ନମାନିବା ଆଦି ଦୁର୍ଘଟଣାର କାରଣ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଆମ ଦେଶରେ ସଡକ ନିରାପତା ପାଇଁ ମୋଟର ଭେକିଲ୍ (ସଂଶୋଧନ) ଆଇନ-୨୦୧୯କୁ କଡାକଡି କରାଯାଇଥିବା ସତ୍ତ୍ୱେ ଦୁର୍ଘଟଣାକୁ ରୋକିବାରେ ଏହା ବିଫଳ ହୋଇଛି ବୋଲି କୁହାଯାଇପାରେ। ଆଇନରେ ଉଭୟ ଜେଲ ଓ ଜୋରିମାନା ବ୍ୟବସ୍ଥା ରହିଛି। ଜୋରିମାନାକୁ ୨ରୁ ୫ଗୁଣା ବୃଦ୍ଧି ହୋଇଛି। ଏହା ସତ୍ତ୍ୱେ ଅମାନିଆଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନଥିବା ଦୁର୍ଘଟଣା ହାରରୁ ସ୍ପଷ୍ଟକୁ ଅନୁମାନ କରାଯାଇପାରେ। ନିକଟରେ ଦିଲ୍ଲୀରେ ଅଂଜଳି ସିଂହ ନାମ ଜଣେ ଯୁବତୀଙ୍କର ହୃଦୟ ବିଦାରକ ମୃତ୍ୟୁ ଘଟଣା, ଦେଶରେ ବେପରୁଆ ଗାଡି ଚାଳନାରେ ଏକ ଉଦାହରଣ ବୋଲି କୁହାଯାଇପାରେ। ଅଂଜଳିଙ୍କୁ ସ୍କୁଟି ଧକ୍କା ଦେବା ପରେ ୧୨କିମି ଘୋଷାଡି ଘୋଷାଡି କାର ଚାଳକ ନେଇଯାଇଥିଲା, ଯେଉଁଥିରେ ତାଙ୍କର ଶରୀର ଖଣ୍ଡଖଣ୍ଡ ହୋଇଯାଇଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀ ପୋଲିସକୁ ବାରମ୍ବାର ଖବର ଦେଇଥିବା ସତ୍ତ୍ୱେ ପୋଲିସ କୌଣସି ତତ୍ପରତା ଦେଖାଇନଥିଲା। କେବଳ ଏତିକି ନୁହେଁ ଉତରାଖଣ୍ଡରେ କ୍ରିକେଟିୟର ଋଷଭ ପନ୍ଥଙ୍କ କାର ରାସ୍ତା କରିଡରରେ ପିଟି ହୋଇ ଜଳିଯିବା, ତାମିଲନାଡୁର ସଫ୍ଟଓ୍ୱାର ଇଂଜିନିୟର ଶୋଭନଙ୍କ ଗାଡି ଟ୍ରକ ସହ ରାସ୍ତାରେ ଥିବା ଗାତରେ ପଡିଯିବା ଭଳି ଦୁର୍ଘଟଣା ନିକଟ ଅତୀତରେ ଘଟିଛି। ୨୦୧୯ ସଂଶୋଧିତ ଆଇନରେ ପୋଲିସକୁ କ୍ଷମତା ଦିଆଯାଇଥିବା ସତ୍ତ୍ୱେ ପୋଲିସର ନିଷ୍କ୍ରିୟତା ଆଇନକୁ ଧର୍ମର ଠାର ସଦୃଶ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ। ଏହା ସତ୍ୟ ଯେ, ଦେଶରେ ସଡକ ଦୁର୍ଘଟଣା ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନକୁ କଡାକଡି କରିଥିଲେ, ତାହାର ଯଥାର୍ଥ କାର୍ଯ୍ୟକାରୀତା ଅଭାବରୁ ଦେଶରେ ସଡକ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ବଢିଚାଲିଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। ଆମ ଦେଶରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଏବେ ବୃଦ୍ଧି ପାଇଛି ଯେ, ବିଶ୍ୱରେ ସଡକ ଦୁର୍ଘଟଣାରେ ପ୍ରତି ୧୦ ମୃତକଙ୍କ ମଧ୍ୟରେ ଜଣେ ଭାରତୀୟ ଅନ୍ତର୍ଭୁକ୍ତ। ଅବଶ୍ୟ ସର୍ବାଧିକ ସଡକ ଦୁର୍ଘଟଣା ରାଷ୍ଟ୍ର ତାଲିକାରେ ଆଫ୍ରିକା ମହାଦେଶ ପ୍ରଥମ ସ୍ଥାନରେ ରହିଥିବାବେଳେ ଚୀନ ଦ୍ୱିତୀୟ ସ୍ଥାନରେ ଏବଂ ୟୁରୋପ ମହାଦେଶ ସର୍ବନିମ୍ନ ସ୍ଥାନରେ ରହିଛି। ଭାରତ ତାଲିକାର ମଧ୍ୟବର୍ତ୍ତୀ ଅଂଚଳରେ ଥିବା ଆନ୍ତର୍ଜାତିକ ରେଡ ଫେଡେରେସନ୍ ରିପୋର୍ଟରେ କୁହାଯାଇଛି। ଦେଶରେ ସଡକ ଦୁର୍ଘଟଣା ବୃଦ୍ଧି ନେଇ ସୁପ୍ରିମକୋର୍ଟ ଗଭୀର ଉଦବେଗ ପ୍ରକାଶ କରିବା ସହ ନିୟନ୍ତ୍ରଣ ଲାଗି ଏକ ପରାମର୍ଶଦାତା କମିଟି ଗଠନ କରିଛନ୍ତି। କମିଟି ବିଭିନ୍ନ ରାଜ୍ୟକୁ ଆଇନରେ କଡାକଡି କାର୍ଯ୍ୟକାରିତା କମିଟି ତଦାରଖ କରୁଛନ୍ତି। ଏହା ସତ୍ତ୍ୱେ ଦୁର୍ଘଟଣା ବୃଦ୍ଧି ଅତ୍ୟନ୍ତ ଚିନ୍ତାଜନକ। ଦେଶରେ ସଡକ ମୃତ୍ୟୁ ମହାମାରୀ କରୋନା ମୃତ୍ୟୁ ଠାରୁ ବଳିଯାଇଥିବା ପରିସଂଖ୍ୟାନରୁ ଜଣାଯାଏ। ଆମ ରାଜ୍ୟରେ ସଡକ ଦୁର୍ଘଟଣା ମଧ୍ୟ କିଛି କମ ନୁହେଁ। ପୂର୍ବ ବର୍ଷ ତୁଳନାରେ ରାଜ୍ୟରେ ୨୦୨୧ରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଥିବାବେଳେ ୫ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ସାଂପ୍ରତିକ ସମୟରେ ସଡକ ମହାମାରୀ ତୁଳନାରେ ଅଧିକ ଜୀବନ ନେଉଛି। ବାସ୍ତବରେ ସଡକ ରାକ୍ଷସ ପାଲଟିଛି।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ ନଂ-୯୪୩୭୯୯୪୩୭୯*

# 'ଲଜନା ଇମାଇଲ୍ଲା' ଏକ ନାରୀ ସଂଗଠନ


ମୌଲାନା ଫଜଲ ହକ ଖାଁ

ଅହମଦୀୟା ମୁସଲିମ ସମ୍ପ୍ରଦାୟ ଏକ ନୈଷ୍ଠିକ ଆଧ୍ୟାତ୍ମିକ ସଂଗଠନ । ଏହାକୁ ହଜରତ ମିର୍ଜା ଗୁଲାମ ଅହମଦ ୧୮୮୯ ମସିହାରେ ସ୍ଥାପିତ କରିଥିଲେ । ଏହାର ଏକ ଆନ୍ତସଂଗଠନ ହେଲା ଅହମଦୀୟା ମୁସଲିମ ମହିଳା ସଂଗଠନ 'ଲଜନା ଇମାଇଲ୍ଲା' । ଏହି ସଂଗଠନର ଆଭିମୁଖ୍ୟ ହେଲା ମନୁଷ୍ୟକୁ ତା'ର ପ୍ରକୃତ ସ୍ରଷ୍ଟା ସହିତ ପରିଚିତ କରାଇବା । ଭକ୍ତ ଓ ଭଗବାନର ସମ୍ପର୍କକୁ ସୁଦୃଢ କରିବା ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ । ଯାହାର ଭିତିଭୂମି ୨୫ ଡ଼ିସେମ୍ବର ୧୯୨୨ ମସିହାରେ ରଖାଯାଇଥିଲା ।'ଅହମଦୀୟା ମମୁସଲିମ ମହିଳା ସଂଗଠନ ଲଜନା ଇମାଇଲ୍ଲା' ସ୍ଥାପନର ଉଦ୍ଦେଶ୍ୟ ହେଲା ନାରୀ ଶସକ୍ତିକରଣ କରିବା । ସମାଜରେ ପୁରୁଷଙ୍କ ଭଳି ନାରୀମାନଙ୍କୁ ସମାନ ଅଧିକାର ଦେବା । ଭକ୍ତି, ସେବା ଓ ଭଲ ସମାଜ ଓ ସଂସ୍କାର ଗଢିବାରେ ମୁଖ୍ୟ ଭୂମିକା ବହନ କରିବା । ଭାଇଚାରାର ବାତାବରଣ ସମାଜରେ ସୃଷ୍ଟି କରିବା । ବସୁଧୈବ କୁଟୁମ୍ବକମ୍‌ର ମନ୍ତ୍ରକୁ ନିୟମିତ ପାଳନ କରିବା । ପବିତ୍ର କୋରାନର ଆଦର୍ଶ ଶିକ୍ଷାକୁ ପ୍ରସାର କରିବା । ଅହମଦୀୟା ମୁସଲିମ ସଂଗଠନ ନାରୀମାନଙ୍କ ଅଧିକାର ସମ୍ପାଦନ କରିବା ପ୍ରତି ପ୍ରକୃତ ଧ୍ୱଜାବାହକ ରୂପେ ସର୍ବଦା ତତ୍ପର । କାରଣ ଇସଲାମ ଧର୍ମ ମହିଳାମାନଙ୍କୁ ଅଶିକ୍ଷିତ ଯୁଗର ଅତିଶୟ ତିରସ୍କାର ଏବଂ ନିର୍ଯାତନାରୁ ଉଦ୍ଧାର କରି,



। ତଥା ପୃଥିବୀରେ ମାନବିକତାକୁ ସ୍ଥାପିତ କରି ବିଶ୍ୱଭ୍ରାତୃଭାବ ସୃଷ୍ଟି କରିବା । ଅହମଦୀୟା ମୁସଲିମ ସଂଗଠନର ମଟୋ 'ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ' । ଶାନ୍ତି ପ୍ରିୟ ନୀତି ଏବଂ ମାନବଜାତି ପ୍ରତି ସେବା ଓ ସହାନୁଭୂତିର ମନୋଭାବ ଯୋଗୁଁ ହିଁ ଆଜି ଅହମଦୀୟା ମୁସଲିମ ସଂଗଠନ ବିଶ୍ୱର ୨୧୦ରୁ ଅଧିକ ଦେଶରେ ପରିବ୍ୟାପ୍ତ ହୋଇପାରିଛି । ଅହମଦୀୟା ମୁସଲିମ ସମ୍ପ୍ରଦାୟର ମହିଳା ଆନ୍ତସଂଗଠନ 'ଲଜନା ଇମାଇଲ୍ଲା'ର ପ୍ରତିଷ୍ଠାତା ଥିଲେ, ଅହମଦୀୟା ମୁସଲିମ ସମ୍ପ୍ରଦାୟର ଦ୍ୱିତୀୟ ଖଲିଫା ହଜରତ ସମାଜକୁ ନୈତିକ, ଚାରିତ୍ରିକ, ଆଧ୍ୟାତ୍ମିକ, ସଂସ୍କାରୀ, ସତ୍ୟନିଷ୍ଠ, ଧାର୍ମିକ, ପୁଣ୍ୟବାନ, ସଦାଚାରୀ, ଦେଶ ଓ ଜାତିର ସେବକ ତଥା ଶାନ୍ତି ଓ ସଦ୍‌ଭାବନାକରୀ ସନ୍ତାନ ଦେବା । ମାତୃତ୍ୱ, ସତୀତ୍ୱ, ପତିବ୍ରତା ଓ ପବିତ୍ରତା ବଜାୟ ରଖି ନାରୀ ଶକ୍ତିକୁ ଉଜାଗର କରିବା । ଇସଲାମର ସୁନ୍ଦର ଶିକ୍ଷାକୁ ଲୋକଲୋଚନରେ ଆଣି ତଦନୁଯାୟୀ ଶାନ୍ତିମୟ ଜୀବନ ନିର୍ବାହ କରିବା । ଅମାନୁସୁକ, ଦେଶଦ୍ରୋହ ଏବଂ ଆତଙ୍କବାଦର କାର୍ଯ୍ୟକଳାପକୁ ଘୋର ବିରୋଧ କରିବା । ଏକତା, ଅଖଣ୍ଡତା ତଥା ସଂସ୍କାର ଓ ଶିକ୍ଷାର ଅଲୋକ ମାଧ୍ୟମରେ ସେମାନଙ୍କୁ ସର୍ବାଙ୍ଗ ସୁନ୍ଦର ରୂପେ ଗଢି ତୋଳି ସେମାନଙ୍କୁ ସମାଜର ଏକ ଆଦର୍ଶବାଦୀ ଗଢିପାରିଛି । ଆଜି ଅହମଦୀୟା ମୁସଲିମ ସଂଗଠନ ଇସଲାମ ଧର୍ମର ସେହି ନୈତିକ ଶିକ୍ଷାକୁ ଉଜ୍ଜୀବିତ ରଖି ମହିଳାମାନଙ୍କୁ ସେମାନଙ୍କର ପୂର୍ଣ୍ଣ ଅଧିକାର ପ୍ରଦାନ କରି ସେମାନଙ୍କୁ ତାଙ୍କର କର୍ତବ୍ୟ ପ୍ରତି ସଚେତନ କରାଉଛି । ଆଜି ଦେଶ ଓ ସମାଜର ବିକାଶ ଓ ଉନ୍ନତି ପାଇଁ ଅହମଦି ମହିଳାମାନେ ଶିକ୍ଷା କ୍ଷେତ୍ରରେ ମଧ୍ୟ ଆଗରେ ଅଛନ୍ତି । ଅହମଦି ମହିଳା ଜଣେ ଡ଼ାକ୍ତରାଣୀ, ଗବେଷିକା, ବିଦ୍ୟାର୍ଥିନୀ, ଶିକ୍ଷୟତ୍ରୀ, ଓକିଲ, ଇଂଜିନିୟର, ରାଜନେତ୍ରୀ ତଥା ବ୍ୟବସାୟୀ ମହିଳା ରୂପେ ନିଜର ସକାରାତ୍ମକ ଓ ସର୍ବାଙ୍ଗୀନ ଉନ୍ନତିମୂଳକ ଭୂମିକା ନିର୍ବାହ କରିଆସୁଛି । କୁହାଯାଏ ଯେ ଇସଲାମୀୟ ନାରୀ ଜଣେ କନ୍ୟା ଭାବରେ ତା'ର ମାତା-ପିତାଙ୍କ ପାଇଁ ସେ ସ୍ୱର୍ଗର ଦ୍ୱାର ହୋଇଥାଏ । ଜଣେ ପତ୍ନୀ ଭାବରେ ସେ ତା' ସ୍ୱାମୀର ଧର୍ମବିଶ୍ୱାସକୁ ପୂର୍ଣ୍ଣତା ପ୍ରଦାନ କରିଥାଏ । ଏବଂ ସେ ଜଣେ ମାତୃ ଭାବେ ତା' ସନ୍ତାନ ପାଇଁ ନିଜ ପାଦ ତଳେ ସ୍ୱର୍ଗ ଗଚ୍ଛିତ ରଖିଥାଏ । ଅର୍ଥାତ ମାତୃ-ପିତୃ ସେବା ଦ୍ୱାରା ହିଁ ସନ୍ତାନକୁ ସ୍ୱର୍ଗପ୍ରାପ୍ତି ହୋଇଥାଏ । ଚଳିତ ବର୍ଷ ଅହମଦୀୟା ମୁସଲିମ ମହିଳା ସଂଗଠନ 'ଲଜନା ଇମାଇଲ୍ଲା' ତା'ର ଏକଶତ ବର୍ଷ ପୂର୍ତ୍ତୀ ଉତ୍ସବ ପାଳନ କରୁଛି । ଏହି ଉପଲକ୍ଷେ 'ଲଜନା ଇମାଇଲ୍ଲା' ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାର ସୌଭାଗ୍ୟ ପାଉଛି । ଆସନ୍ତୁ ଆମେ ସମସ୍ତେ ମିଳିମିଶି ନାରୀ ଶକ୍ତିକୁ ସମ୍ମାନ ଦେବା । ତାକୁ ତା'ର ଉଚିତ୍ ଅଧିକାର ଦେବା । ନାରୀ ସଶକ୍ତିକରଣ ହିଁ ବିଶ୍ୱର କଲ୍ୟାଣ । ଏହା ହିଁ ଆମର କାମନା । ହେ ମାଁ ତୁଚ୍ଛେ ସଲାମ ।

*ଭୁବନେଶ୍ୱର ମୋ:୯୬୯୨୨୨୫୦୫୭*



# ଫେରିଛି ଡକୋଟା


ଶେଖ ଫରିଦ୍‌ଉଦ୍ଦିନ

ଡାକୋଟା ଓଡ଼ିଶାର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଏହି ନାଁଟି ସହ ସମସ୍ତେ ପ୍ରାୟ ପରିଚିତ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସହ ଡାକୋଟା ବିମାନର ଗୌରବମୟ ଗାଥା ବେଶ ରୋମାଞ୍ଚକ। ସେ କାହାଣୀ ଶୁଣିଲେ ଜଣେ ଓଡ଼ିଆ ଭାବେ ଗର୍ବରେ ଛାତି ଫୁଲିଉଠେ। ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମ ହେଉ ଅଥବା ଶ୍ରୀନଗରରେ ଭାରତୀୟ ସେନା ବାହିନୀକୁ ଅବତରଣ ପ୍ରତ୍ୟେକ ଘଟଣାରେ ବିଜୁ ବାବୁଙ୍କ ପ୍ରିୟ ସାଥୀ ଥିଲା ଡାକୋଟା। ବିଜୁ ବାବୁଙ୍କ ବ୍ୟକ୍ତିତ୍ୱ ଭଳି ଡାକୋଟାର ବିଜୟ ଗାଥା ଖୁବ ଲମ୍ବା। ସେହି ଆଜନ୍ମ ଦୁଃସାହାସୀ ବିଜୁ ବାବୁଙ୍କ ସେହି ପ୍ରିୟ ଡାକୋଟା ଓଡ଼ିଶା ଫେରୁଛି। ବିଜୁ ବାବୁଙ୍କୁ 'ଲର୍ଡ଼ ଅଫ ସ୍କାଏ' କୁହାଯାଉଥିବା ବେଳେ ଡାକୋଟା ହେଉଛି ସେହି ଚଳନ୍ତି କାହାଣୀର ମୁକସାକ୍ଷୀ। ସଂକ୍ଷେପରେ ଡାକୋଟା : ଡିସି-୩ (ଡକୋଟା) ହେଉଛି ଏକ ସ୍ଥିର ଓ୍ୱିଙ୍ଗ ପ୍ରୋପେଲର ଚାଳିତ ବିମାନ ଯାହା ଡଗଲାସ ଏୟାରକ୍ରାଫ୍ଟ କମ୍ପାନୀ ଦ୍ୱାରା ଡିଜାଇନ ଓ ଉତ୍ପାଦିତ ହୋଇଛି। ଡଗଲାସ କମ୍ପାନୀ ଏହାର ପ୍ରଥମ ବିମାନ ୧୯୩୫ ମସିହା ଡିସେମ୍ବର ୧୭ ତାରିଖରେ ନିର୍ମାଣ କରିଥିଲା। ୨ଟି ପ୍ରାଟ ଓ ହ୍ୱିଟନୀ ପିଷ୍ଟନ ଇଞ୍ଜିନ ସଂଯୁକ୍ତ ହୋଇଥିବାବେଳେ ଏହାର କ୍ରୁଜ ବେଗ ୩୩୩ କିଲୋମିଟର ଓ ରେଞ୍ଜ ୨୪୦୦ କିଲୋମିଟର ଓ ଭାରି ବହନ କ୍ଷମତା ଥିଲା ୨୭ଶହ କେଜି। ସର୍ବାଧିକ ୩୨ ଜଣ ପାସେଞ୍ଜର ଏହି ଡାକୋଟାରେ ଯାତ୍ରା କରିପାରିବାର ଦକ୍ଷତା ଥିଲା। ଏହାର ଗତି ପରିସର ଓ କାର୍ଯ୍ୟ ଅର୍ଥବ୍ୟବସ୍ଥା ଏତେ ଆଶ୍ଚର୍ଯ୍ୟଜନକ ଥିଲା ଯେ ୧୯୩୮ ଶେଷ ପର୍ଯ୍ୟନ୍ତ ଆମେରିକାରର ସମସ୍ତ ବାଣିଜ୍ୟିକ ଯାତାୟାତ ଡାକୋଟା ମାଧ୍ୟମରେ କରାଯାଉଥିଲା। ଯୁଦ୍ଧରେ ଡାକୋଟାର ବ୍ୟବହାର ସାରା ବିଶ୍ୱ କରିବାରେ ଲାଗିଲା। ୧୯୪୦ ସୁଦ୍ଧା ଡାକୋଟା ବିଶ୍ୱ ବଜାରର ନବେ ଭାଗ ଦଖଲ କରିନେଲା। ସେହିଭଳି ଭାରତ ସ୍ୱାଧୀନତା ପରେ ଡାକୋଟା ଯୁଦ୍ଧ ବିମାନ ହାସଲ କରିଥିଲା। କାଶ୍ମୀର ଭାରତ ଅଂଶ ହେବା ପରେ ପାକିସ୍ତାନ ସୀମାରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିଲା। ସେତେବେଳେ ପ୍ରଥମ ଥର ଭାରତ ସରକାର ଡାକୋଟାର ବ୍ୟବହାର ହୋଇଥିଲା। ୭ଟି ଡାକୋଟା ବ୍ୟବହାର କରି ଭାରତ ସେନା ଯୁଦ୍ଧ ଲଢ଼ିଥିଲା। ତେବେ ୧୯୪୬ରେ ଉତ୍ପାଦନ ବନ୍ଦ ହେବା ପୂର୍ବରୁ ଏହାର ପ୍ରାୟ ୧୦ ହଜାର ସାମରିକ ଶ୍ରେଣୀର ବିମାନ ନିର୍ମାଣ ସରିଥିଲା। ସେହିପରି ଜାପାନ ଏବଂ ସୋଭିଏତ ୟୁନିୟନ ବିନା ଲାଇସେନ୍ସରେ ଏହି ଶ୍ରେଣୀର ପ୍ରାୟ ୨୦୦୦ ବିମାନ ନିର୍ମାଣ କରିଥିଲା। ଭାରତରେ ରୟାଲ ଏୟାରଫୋର୍ସରେ ପ୍ରାୟ ୧୯୦୦ରୁ ଅଧିକ ଡାକୋଟା ବିମାନ କାର୍ଯ୍ୟକ୍ଷମ ଥିଲା। ୧୯୫୦ ମସିହା ବେଳକୁ ରୟାଲ ଏୟାରଫୋର୍ସର ବହୁ ସଂଖ୍ୟକ ଡାକୋଟା ବିମାନ ପ୍ରାୟତଃ ସେବା ନିବୃତ୍ତ କିମ୍ବା ବିକ୍ରି ହୋଇସାରିଥିଲା। ୧୯୭୦ କାର୍ଯ୍ୟକ୍ଷମ ଥିବା ଶେଷ ଡାକୋଟା ବିମାନଟି ସେବାରୁ ନିବୃତ୍ତ ହୋଇଥିଲା। ଓଡ଼ିଶା ଫେରାଇ ଆଣିବା ପାଇଁ ପାଞ୍ଚ ବର୍ଷର ସଂଘର୍ଷ : ବିଜୁ ବାବୁଙ୍କ ଦୁର୍ଦ୍ଧର୍ଷ ବୀରତ୍ୱର କାହାଣୀକୁ ପୁନର୍ଜୀବିତ କରିବା ଲକ୍ଷ୍ୟରେ ଡାକୋଟା ବିମାନକୁ କୋଲକାତାରୁ ଆଣିବା ପାଇଁ ରାଜ୍ୟ ସରକାର ୨୦୧୭ ମସିହାରେ ଉଦ୍ୟମ ଆରମ୍ଭ କରିଥିଲେ। ଡାକୋଟାକୁ ଓଡ଼ିଶା ଫେରାଇ ଆଣିବା ପାଇଁ ଭାରତୀୟ ବିମାନବନ୍ଦର ପ୍ରାଧିକରଣର ଅନୁମତି ଆବଶ୍ୟକ ଜରୁରୀ ଥିଲା। ଝଲକ ପାଇବେ ଦୁଇ ରାଜ୍ୟର ଲୋକେ : ଜାତୀୟ ରାଜପଥ ଦେଇ ବଡ଼ ଟ୍ରେଲର ଜରିଆରେ ଡାକୋଟା ବିମାନକୁ ଭୁବନେଶ୍ୱର ଅଣାଯିବ। ବିମାନ ଯାତ୍ରା ଆରମ୍ଭ କରିବା ସମୟରେ ପଶ୍ଚିମବଙ୍ଗ ପୁଲିସ ଏସକର୍ଟ ପ୍ରଦାନ କରିବ। ଓଡ଼ିଶା ସୀମାରେ ପହଞ୍ଚିବା ପରେ ଓଡ଼ିଶା ପୁଲିସ ବିମାନକୁ ଏସକର୍ଟ କରି ଭୁବନେଶ୍ୱର ପର୍ଯ୍ୟନ୍ତ ଆଣିବ।

ବିଦେଶୀ ଅତିଥି ଦେଖିବେ ବୀରତ୍ୱର ପ୍ରତୀକ : ଆସନ୍ତା ୧୮ ତାରିଖ ସୁଦ୍ଧା ଡାକୋଟା ବିମାନ ଭୁବନେଶ୍ୱରରେ ପହଞ୍ଚିବାର ସମ୍ଭାବନା ଅଛି। ଏହାକୁ ପ୍ରଦର୍ଶନ କରିବା ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଟର୍ମିନାଲ-୧ ସମ୍ମୁଖରେ ୧.୧ ଏକର ଜମି ଚିହ୍ନଟ କରାଯାଇଛି। ଓଡ଼ିଶା ସରକାର ଏଠାରେ ଏକ ସୁଦୃଶ୍ୟ ପ୍ଲାଟଫର୍ମ ନିର୍ମାଣ କରିବେ ଯେଉଁଠାରେ ଡାକୋଟା ଶୋଭା ପାଇବ। କୋଲକାତାରେ କେମିତି ପହଞ୍ଚିଲା ଡକୋଟା : ବିଜୁ ବାବୁଙ୍କ ଅତିପ୍ରିୟ ଡାକୋଟା ବିମାନ ବିଭିନ୍ନ ଯୁଦ୍ଧରେ ସଫଳତାର ସହ ଲଢ଼େଇ କରିଛି। ଅନେକ ବର୍ଷ ପର୍ଯ୍ୟନ୍ତ ଏହି ବିମାନ ବ୍ୟବହାର ହୋଇଥିଲା। କଳିଙ୍ଗ ଏୟାର ଲାଇନ୍ସର ଏହା ୧୮ଟି ବିମାନ ମଧ୍ୟରୁ ଅନ୍ୟତମ ଥିଲା। କୋଲାକାତା ବିମାନବନ୍ଦରକୁ ଏହାର ବେସ ଷ୍ଟେସନ ଭାବେ ବ୍ୟବହାର କରାଯାଉଥିଲା। ତେବେ ୧୯୫୩ ମସିହାରେ କଳିଙ୍ଗ ଏୟାର ଲାଇନ୍ସ ଇଣ୍ଡିଆନ ଏୟାର ଲାଇନ୍ସ ସହିତ ମିଶିଯିବା ପରେ ବିମାନଟି ଆଉ ବ୍ୟବହାର ହୋଇନଥିଲା। ଏହା ପରଠାରୁ ବିମାନଟି କୋଲକାତା ବିମାନ ବନ୍ଦରରେ ରହିଛି। ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀଙ୍କୁ ଉଦ୍ଧାର : ବ୍ରିଟେନ ଓ ଡଚ ଉପନିବେଶବାଦ ନୀତିକୁ ବିରୋଧ କରି ଗୃହବନ୍ଦୀ ଇଣ୍ଡୋନେସିଆର ତତ୍କାଳୀନ ଉପରାଷ୍ଟ୍ରପତି ମହମ୍ମଦ ହତ୍ତା ଓ ପ୍ରଧାନମନ୍ତ୍ରୀ ସୁତାନ ସହରିରଙ୍କ ଉଦ୍ଧାର ଦାୟିତ୍ୱ ନେଇଥିଲେ ବିଜୁବାବୁ। ଏହା ପରେ ବିଜୁ ବାବୁ ନିଜର ଡିସି-୩ ଡାକୋଟା ବିମାନ ଧରି ଇଣ୍ଡୋନେସିଆ ଅଭିମୁଖେ ଯିବା ପାଇଁ ପ୍ରସ୍ତୁତ ହୋଇଥିଲେ।ଦକ୍ଷତା ବଳରେ ଜିତିଥିଲେ ଭରସା : ଇଣ୍ଡୋନେସିଆକୁ ଦୁଃସାହସିକ ଯାତ୍ରା ପୂର୍ବରୁ ୧୯୪୧ ମସିହାରେ ୟାଙ୍ଗୋନରେ ଫସି ରହିଥିବା ଅନେକ ବ୍ରିଟିଶ ପରିବାରକୁ ଉଦ୍ଧାର କରିଥିଲେ। ସେହିଭଳି ଦୁର୍ଗମ ହିମାଳୟ ପର୍ବତମାଳାର ନିକଟରେ ଦେଶ ଅନେର ଅପରେସନର ଅଂଶବିଶେଷ ହୋଇସାରିଥିଲେ। ଏପରିକି ଦେଶ ପ୍ରତିନିଧିତ୍ୱ କରି ଚାଇନା କ୍ରାନ୍ତିକାରୀ ମାନଙ୍କୁ ସହଯୋଗ କରିବା ପାଇଁ ସେ ହିମାଳୟରେ ପହଞ୍ଚି ଯୋଗସୂତ୍ର ସ୍ଥାପନ କରୁଥିଲେ। ତେଣୁ ବିଜୁ ବାବୁଙ୍କ ଦକ୍ଷତା ଉପରେ ନେହେରୁଙ୍କର ଅଖଣ୍ଡ ବିଶ୍ୱାସ ରହିଥିବା ବେଳେ ଇଣ୍ଡୋନେସିଆରେ ଉଦ୍ଧାର କାର୍ଯ୍ୟ ନେହେରୁ ପ୍ରଥମେ ତାଙ୍କୁ ମନେ ପକାଇଥିଲେ।

ଶତ୍ରୁର ନିଦ ହଜାଇ ଦେଇଥିଲା ଡକୋଟା : ଆମେରିକାରେ ନିର୍ମିତ ସି-୪୭ ଡାକୋଟା ବିମାନ ବହୁ ପ୍ରତିଭାର ଅଧିକାରୀ ଥିଲା। ୨ୟ ବିଶ୍ୱଯୁଦ୍ଧ ସମୟରେ ବିଜୁ ବାବୁଙ୍କର ଡାକୋଟା ବିମାନ ପ୍ରତିପକ୍ଷର ଶତ୍ରୁର ନିଦ ହଜାଇ ଦେଇଥିଲା।

ଭୂମିପୁତ୍ର ପାଲଟିଲେ ବିଜୁ : ଡକୋଟା ଯୋଗେ ଇଣ୍ଡୋନେସିଆର ଦୁଇ ପ୍ରମୁଖ ନେତା ଭାରତ ଆସିବା ପରେ ବିଶ୍ୱର ନଜର ଇଣ୍ଡୋନେସିଆ ସ୍ୱାଧୀନତା ପାଇଁ କରୁଥିବା ସଂଘର୍ଷ ଉପରେ ପଡ଼ିଲା। ଭାରତର ଇଣ୍ଡୋନେସିଆକୁ ଏହି ଅଭୁତପୂର୍ବ ସହାୟତା ସେ ସମୟରେ ବିଶ୍ୱରେ ଏକ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଥିଲା। ଏହାପରେ ୧୯୪୯ ମସିହା ଡିସେମ୍ବର ୨୭ ତାରିଖରେ ଇଣ୍ଡୋନେସିଆ ଓ ଡଚ ମଧ୍ୟରେ ହୋଇଥିବା ରାଜିନାମା ଆଧାରରେ ଇଣ୍ଡୋନେସିଆ ସ୍ୱତନ୍ତ୍ର ହେଲା। ଏହି ସ୍ୱାଧୀନତାକୁ ୭୨ ବର୍ଷ ପୂରଣ ହୋଇସାରିଥିଲେ ମଧ୍ୟ ଭାରତ ଓ ବିଜୁଙ୍କ ପ୍ରତି ଇଣ୍ଡୋନେସିଆର ଆନୁଗତ୍ୟ ବଜାୟ ରହିଛି। ବିଜୁଙ୍କ ଅବଦାନକୁ ଚିରଦିନ ଧରି ମନେରଖିବା ପାଇଁ ୧୯୫୦ରେ ବିଜୁ ପଟ୍ଟନାୟକଙ୍କୁ ଭୂମିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫ୍ଲାଇଂ କ୍ଲବ : ଏକାଧାରାରେ ବିଚକ୍ଷଣ ରାଜନେତା, ସ୍ୱାଧୀନତା ସଂଗ୍ରାମୀ ସହ ବିଜୁ ବାବୁ ଜଣେ ବିଚକ୍ଷଣ ଏବଂ ଦୁର୍ଦ୍ଧର୍ଷ ବିମାନ ଚାଳକ ଥିଲେ। କାଶ୍ମୀର ଏବଂ ଇଣ୍ଡୋନେସିଆ ଅଭିଯାନ ବୈମାନିକ ଭାବେ ତାଙ୍କର ଅଦ୍ଭୁତ ଏବଂ ଅନନ୍ୟ ଚାତୁରୀକୁ ପ୍ରତିପାଦିତ କରିଥାଏ। ତେବେ ରାଜ୍ୟରେ ଫ୍ଲାଇଙ୍ଗ କ୍ଲବର ମୂଳଦୁଆ ପଡ଼ିବାରେ ବିଜୁବାବୁଙ୍କ ଅନନ୍ୟ ଭୂମିକା ରହିଥିଲା। ସେତେବେଳେ ବିଧାନସଭାରେ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ଥାଆନ୍ତି। ବିଜୁବାବୁ ମହତାବଙ୍କୁ କହିଲେ ଯେ ଓଡ଼ିଶା ଫ୍ଲାଇଙ୍ଗ କ୍ଲବ ଗଠିତ ହେଲେ ରାଜ୍ୟର ଆଗ୍ରହୀ ଯୁବକମାନେ ବିମାନ ସେବା କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାର ସୁଯୋଗ ପାଇବେ। ତେବେ ରାଜ୍ୟରେ ଫ୍ଲାଇଙ୍ଗ କ୍ଲବ ପ୍ରତିଷ୍ଠା ପାଇଁ ବିମାନ ଯୋଗାଡ଼ କରିବା କଷ୍ଟକର ବ୍ୟାପାର ଥିଲା। ବିଜୁବାବୁ ଏ ନେଇ ସରକାରଙ୍କୁ ପ୍ରସ୍ତାବ ଦେଇ କହିଲେ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅନେକ ବିଦେଶୀ ଫାଇଟର ଓ କାର୍ଗୋ ବିମାନ ଦେଶର ବିଭିନ୍ନ ଏୟାର ବେସରେ ପଡ଼ି ଖତ ଖାଉଛି। ତା ଭିତରୁ କିଛି ବିମାନକୁ ସ୍ୱଳ୍ପ ଦରରେ କିଣି ଅଣାଯାଇପାରିବ। ଏପରିକି ସବୁ ଦାୟିତ୍ୱ ନିଜ ଉପରକୁ ନେଇ ବିଜୁ ବାବୁ କହିଥିଲେ ଯେ କେବଳ ବିମାନ କିଣାଜନିତ ନିବେଶ ଛଡ଼ା ରାଜ୍ୟ ସରକାରଙ୍କୁ ଆଉ କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ତେଣୁ ବିମାନ ତାଲିମ ବେଳେ ଯଦି କୌଣସି ପ୍ରକାର କ୍ଷୟକ୍ଷତି ବା ଦୁର୍ଘଟଣା ଘଟେ ନିଜେ ତାର ସମସ୍ତ ଦାୟିତ୍ୱ ନେବା ସହ କ୍ଷତି ଭରଣା କରିବାକୁ ବିଜୁବାବୁ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଇଠି ବିଜୁଙ୍କ ଓଡ଼ିଶା ଫ୍ଲାଇଙ୍ଗ କ୍ଲବ ସ୍ୱପ୍ନ ସତରେ ପରିଣତ ହେବା ସହ ୧୯୪୬ ମସିହା ସେପ୍ଟେମ୍ବର ୧୪ରେ ଫ୍ଲାଇଙ୍ଗ କ୍ଲବ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ବିଜୁ ବାବୁଙ୍କ ପରାମର୍ଶ ଏବଂ ପ୍ରତ୍ୟେକ୍ଷ ସହଯୋଗ ନେଇ ମାତ୍ର ୬୫ ହଜାର ଟଙ୍କା ଖର୍ଚ୍ଚ କରି ୫ଟି ବିମାନ କିଣିଥିଲେ। ଉକ୍ତ ୫ ବିମାନ ମଧ୍ୟରୁ ଏକ ୨୮ ସିଟର ଡବଲ ଇଞ୍ଜିନ ଥିବା ଡାକୋଟା ବିମାନ ମଧ୍ୟ ଥିଲା। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପ୍ରଥମ ଦଫାରେ ମୋଟ ୩୬ଜଣ ଟ୍ରେନିଂ ନେଇଥିଲେ। ତେବେ ବିମାନଗୁଡ଼ିକ କିଣାଯିବା ସମୟରେ ଏହା ଉଡାଣ କରିବା ସ୍ଥିତିରେ ନଥିଲା। ଏହି ଡାକୋଟା ବିମାନଟି ପ୍ରସ୍ତୁତ ହୋଇଯିବା ପରେ ଭାରତରେ ତାହାର ରେଜିଷ୍ଟ୍ରେସନ କରାଯାଇଥିଲା। ଏହାର ରେଜିଷ୍ଟ୍ରେସନ ନମ୍ବର ଥିଲା ଭିଟି-ସିଏଲଏ/୧୯୪୭।

*ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ :୯୪୩୭୦୦୪୮୮୮*




# ଭାରତ ବିକାଶ ପରିଷଦ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ପୁରୀ,(ପିଏନ)-ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସରକାରୀ ଶିକ୍ଷ ତାଲିମପ୍ରତିଷ୍ଠାନ ,ପୁରୀ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଭାରତ ବିକାଶ ପରିଷଦ ର କ୍ଷେତ୍ରୀୟ ସାଧାରଣ ସମ୍ପାଦକ ପୂର୍ଣଚନ୍ଦ୍ର ଖୁଣ୍ଟିଆ,ସରକାରୀ ଶିକ୍ଷ ତାଲିମ ପ୍ରତିଷ୍ଠାନ ର ଅଧିକାରୀ ଭାସ୍କର ଚନ୍ଦ୍ର ମିଶ୍ର ଯୋଗ ଦେଇ କହିଥିଲେ ମାନବ ଜୀବନ ଏକ ଐଶ୍ୱରୀୟ ଅବଦାନ।ପ୍ରଭୁ ଙ୍କ ଉଦ୍ଦେଶ୍ୟ ରେ ପ୍ରତିଦାନ ର ଆଶା ନରଖି ଆମେ ଯାହାକୁ ନିର୍ମଳ ହୃଦୟରେ ଅନ୍ୟକୁ ଅର୍ପଣ କରିଥାଉ ତାହାକୁ ଦାନ କୁହାଯାଏ ।ସଂସାରରେ କରା ଯାଉଥିବା ପ୍ରତେକ ଦାନ ଅପେକ୍ଷା ରକ୍ତଦାନ ମହତ ଦାନ ।ସାମାନ୍ୟ ରକ୍ତ ( ଯାହା ସରି ଯାଏନି) ବିନିମୟରେ ଯଦି ଆଉଜଣେ ମରଣ ମୁଖୀ ନୂଆ ଜୀବନ ଲାଭ କରେ,ତେବେ ଏହାଠାରୁ ପୁଣ୍ୟ ଆଉକଣ ଥାଇ ପାରେ ।ସରକାରୀ ଶିକ୍ଷ ତାଲିମ ପ୍ରତିଷ୍ଠାନ, ପୁରୀ ର ୩୫ ଜଣ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିଲେ। ଦେଖିବାକୁ ମିଳିଲା ୧୮ ବର୍ଷରୁ କମ ଛାତ୍ର ଓ ଛାତ୍ରୀ ମାନଙ୍କୁ ରକ୍ତ ଦାନ ବାରାନ କରାଗଲା କ୍ଷଭାରତ ବିକାଶ ପରିଷଦ ର ମହିଳା ବାଲ ବିକାଶ କ୍ଷେତ୍ରୀୟ ସମ୍ପାଦିକା ସୁପ୍ରିତି ରଥ,ପ୍ରାନ୍ତ ସଂଗଠନ ସମ୍ପାଦକ ରାମଚନ୍ଦ୍ର ଦଳାଇ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର ଙ୍କ ସଭାପତିତ୍ୱ ରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ମହାନ୍ତି,ଗୌରାଙ୍ଗ ଚରଣ ମିଶ୍ର,ପିତାମ୍ବର ମହାପାତ୍ର,ଜୟନ୍ତୀ ମହାପାତ୍ର, କୋଷାଧକ୍ଷ ନିମାଇଁ ଚରଣ ସାହୁ ,ମନୋଜସାମନ୍ତରାୟ,ଶରତ ଜୟସିଂ,ଲାଲା ଅନନ୍ତ କୁମାର ସିଂହ,ଦ୍ୱିବେନ୍ଦୁ ଘୋଷ,ଅନିତା ଜଗଦ୍ଦେ,ଶରତ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ରେ ସହଯୋଗ କରିଥିବା ବେଳେ ଭାରତ ବିକାଶ ପରିଷଦ ଶ୍ରୀ ଜଗନ୍ନାଥ ଧାମ ଶାଖା ସମ୍ପାଦକ ସୌମେନ୍ଦ୍ର ଦାସକାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଦୀପକ କୁମାର ସାହୁ ,ମନୋରଂଜନ ଭୋଇ,ଅଭିପ୍ସା ପ୍ରିୟଦର୍ଶୀ ସ୍ୱାଇଁ,ଅମିତ ପାଢ଼ୀ ରକ୍ତ ସଂଗ୍ରହ ରେ ସହଯୋଗ କରିଥିଲେ ।କାର୍ଯ୍ୟ କର୍ମ ଆରମ୍ଭ ରେ ସମୂହ ବନ୍ଦେ ମାତରଂ ଗାନ କରା ଯାଇଥିବା ବେଳେ ଶେଷ ରେ ରାଷ୍ଟ୍ରଗାନ ଗାନ କରାଯାଇଥିଲା ।

# ଅଜନ୍ତା ସୁଜ୍ ପ୍ରଚଳନ କରୁଛି ଦେଶର ପ୍ରଥମ ଏଆଇ ଉତ୍ପ୍ରେରିତ ସ୍ମାର୍ଟ ସୁଜ୍

**ଭୁବନେଶ୍ୱର:** ୬୬ ବର୍ଷ ପୁରାତନ ପୃଷ୍ଠଭୂମି ଥିବା ଫୁଟୱେୟର ବ୍ରାଣ୍ଡ୍ ଅଜନ୍ତା ସୁଜ୍ ପ୍ରଥମ 'ଭାରତ ନିର୍ମିତ' ସ୍ମାର୍ଟ ସୁ 'ନାଭିଗେଟର'କୁ ପ୍ରଚଳନ କରି ପୁନର୍ବାର ଦେଶର ଫୁଟୱେୟର ବଜାରରେ ବିପ୍ଲବ ଆଣିଛି, ଯାହା ଦେଶରେ ଫୁଟୱେୟର ଶିଳ୍ପରେ ଏପର୍ଯ୍ୟନ୍ତ ସର୍ବବୃହତ ଭିନ୍ନ ଓ ଚହଳ ସୃଷ୍ଟିକାରୀ ହୋଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ଉତ୍ପ୍ରେରିତ ଏବଂ ଜାଇରୋସ୍କୋପିକ ପ୍ରଯୁକ୍ତିରେ ସଶକ୍ତ ଏହି ସ୍ମାର୍ଟ ସୁ ପ୍ରସ୍ତୁତ କରାଯାଇଛି। ନାଭିଗେଟର ସ୍ମାର୍ଟ ସୁ ସହିତ ଇମ୍ପାକ୍ଟୋ ଶୀର୍ଷକରେ ଏକ ଆଥ୍ଲିଜର ଲାଇନ ମଧ୍ୟ ବିଶିଷ୍ଟ କ୍ରିକେଟର, ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏବଂ ପ୍ରାକ୍ତନ ବିସିସିଆଇ ସଭାପତି ଶ୍ରୀ ସୌରଭ ଗାଙ୍ଗୁଲି ଏବଂ ଶ୍ରୀ ସାଗ୍ନିକ ବନିକ୍, ମ୍ୟାନେଜିଂ ଡାଇରେକ୍ଟର, ଅଜନ୍ତା ସୁଜ୍ ଏବଂ ଇମ୍ପାକ୍ଟୋ ପ୍ରତିଷ୍ଠାତାଙ୍କ ଗରିମାମୟ ଉପସ୍ଥିତିରେ ପ୍ରଦର୍ଶିତ ହୋଇଥିଲା।




'ନାଭିଗେଟର' ପ୍ରଯୁକ୍ତି ଓ ଫୁଟୱେୟର ମଧ୍ୟରେ ସୁସମନ୍ୱୟ ଆଣିବା ଦିଗରେ ଅଜନ୍ତା ପକ୍ଷରୁ ହୋଇଥିବା ଉଲ୍ଲେଖନୀୟ ପ୍ରଗତିକୁ ପ୍ରଦର୍ଶନ କରୁଛି। ଏହି ସ୍ମାର୍ଟ ସୁ ଅଧିକ ସଠିକ ପାଦ ପକାଇବାର ଟ୍ରାକିଂ, ବ୍ୟାୟାମର ଟ୍ରାକିଂ, ଫଲ୍ ଡିଟେକ୍ସନ, କ୍ୱିକ୍ କଲ୍ ଡାଏଲ, ମ୍ୟୁଜିକ୍ ଆପ୍ ଏବଂ ୱେବ୍‌ସାଇଟ ସହିତ ସଂଯୁକ୍ତ ହେବା ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ଆବଶ୍ୟକତା ସହିତ ସଂଯୁକ୍ତ ହେବାଭଳି ବୈଶିଷ୍ଟ୍ୟ ସହିତ ଆସୁଛି, ଯେଉଁଗୁଡିକୁ ସରଳ ପାଦ ଶବ୍ଦ ଅଥବା ପାଦର ଅଙ୍ଗଭଙ୍ଗୀ ଦ୍ୱାରା କରାଯାଇପାରିବ। ସର୍ବାଧୁନିକ ଯୁଗର ପ୍ରଯୁକ୍ତିକୁ ଉପଯୋଗ କରିବା ସକାଶେ ଅଜନ୍ତାର ଏକାଗ୍ର ପ୍ରୟାସ ଦ୍ୱାରା ଏହି ବିକାଶ ସମ୍ଭବ ହୋଇପାରିଛି, ଯାହା ନବସୃଜନକାରୀ ଚିନ୍ତାଧାରା ଆପଣେଇବା କ୍ଷେତ୍ରରେ କଦାପି ପଛରେ ପଡିନଥିବା ଇମ୍ପାକ୍ଟୋର ଅଦମ୍ୟ ଗବେଷଣା ଓ ବିକାଶକାରୀ ଟିମ୍ ସମର୍ଥନରେ କାର୍ଯ୍ୟକାରୀ କରାଯାଇଛି। ଏହି ସ୍ମାର୍ଟ ସୁ ଭାରତରେ ନିର୍ମିତ ହୋଇଥିବାବେଳେ ଏଥିପାଇଁ ଅଧିକାଂଶ ଉପାଦାନ ଦେଶ ଭିତରୁ ସଂଗ୍ରହ କରାଯାଇଛି ଏବଂ ଦେଶର ନିର୍ମାଣ କ୍ଷେତ୍ରରେ ପ୍ରଯୁକ୍ତିଗତ ନବସୃଜନ ନିମନ୍ତେ ରହିଥିବା ବିପୁଳ ସମ୍ଭାବନାର ସୁଯୋଗ ଏହା ନେଇଛି।

ଶ୍ରୀ ସାଗ୍ନିକ ବନିକ୍, ମ୍ୟାନେଜିଂ ଡାଇରେକ୍ଟର, ଅଜନ୍ତା ସୁଜ୍ ଏବଂ ପ୍ରତିଷ୍ଠାତା ଇମ୍ପାକ୍ଟୋ ଏହି ଅବସରରେ କହିଛନ୍ତି, "ବର୍ଷ ବର୍ଷ ଧରି ଅଜନ୍ତା ଗ୍ରାହକଙ୍କ ଇଚ୍ଛା ଏବଂ ସେମାନଙ୍କ ପସନ୍ଦ ଅନୁଯାୟୀ ସେମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସର୍ବଦା ସମ୍ପୂର୍ଣ୍ଣ ନୂତନ ଉତ୍ପାଦ ବିକଶିତ କରିଛି। ଜଣେ ସାଧାରଣ ବ୍ୟକ୍ତି ଯେଭଳି ଜଣେ ଆଥଲେଟ ହୋଇପାରିବେ, ସେହି ପ୍ରେରଣା ଯୋଗାଇବାକୁ ଇମ୍ପାକ୍ଟୋ ଲାଇନ୍ ବିକଶିତ କରାଯାଇଛି। ଜୋତା ଉତ୍ପାଦନର ସର୍ବାଧୁନିକ ପଦ୍ଧତିକୁ ଆପଣେଇ ଏହା କରାଯାଇଛି। ନାଭିଗେଟର ଏକମାତ୍ର ସ୍ମାର୍ଟ ସୁ ଭାବରେ ମୁଖ୍ୟତଃ ଭାରତୀୟ ସମ୍ବଳ ଉପଯୋଗ କରି ଏବଂ ଭାରତରେ ନିର୍ମିତ ହୋଇ ଫୁଟୱେୟର ଶିଳ୍ପରେ ବିପ୍ଳବ ଆଣିବାକୁ ଯାଉଛି।"

# କୁଶଙ୍ଗ କଲେଜ ରେ ତିନିଦିନିଆ ନେତୃତ୍ୱ ତାଲିମ ଶିବିର ଉଦ୍‌ଯାପନ

ବଲାଙ୍ଗିର (ପିଏନ)-ବଲାଙ୍ଗିରର ଆଂଚଳିକ ଡ଼ିଗ୍ରୀ ମହାବିଦ୍ୟାଳୟ କୁଶଙ୍ଗ ଠାରେ ୧୩ ରୁ ୧୫ତାରିଖ ପର୍ଯ୍ୟନ୍ତ ଚାଲିଥିବା ତିନିଦିନିଆ ନେତୃତ୍ୱ ତାଲିମ ଶିବିରଟି ଉଦଯାପନ ହୋଇଯାଇଛି କ୍ଷ ପ୍ରୋଗ୍ରାମ ଅଫିସର ଡ.ଲକ୍ଷ୍ମଣ ମେହେରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାମଂଚରେ ମୁଖ୍ୟ ଅତିଥି ଭାବରେ ରାଜେନ୍ଦ୍ର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ସତ୍ୟବନ୍ତ ବେଦବାକ ଯୋଗ ଦେଇ ପିଲାଙ୍କୁ ଆଧାତ୍ମିକ ଜୀବନ ପାଇଁ ପ୍ରବର୍ତାଇ ଥିବା ବେଳେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏନ୍ ଏସ୍ ଏସ୍ କୋ ଅର୍ଡିନେଟର ପ୍ରଫେସର ସୁମନ୍ତ କେରକେଟା ଯୁବଶକ୍ତିର ଉପଯୁକ୍ତ ବିନିଯୋଗ ପାଇଁ କହିଥିଲେ । ଡ. ଅଜିତ କୁମାର ଭୋଇ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା ଅବସରରେ ବିଭିନ୍ନ ପ୍ରତିଯୋଗୀ ତଥା ମହାବିଦ୍ୟାଳୟଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ । କଲେଜର ଛାତ୍ରୀ ଜାଗୃତି ଗଡ଼ତ୍ୟାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ହୋଇଥିଲା କ୍ଷ ସମ୍ବଲପୁର ଅଧିନସ୍ଥ ବଲାଙ୍ଗିର, ବରଗଡ଼ ଜିଲ୍ଲାର ପ୍ରାୟ ୧୮ଟି ମହାବିଦ୍ୟାଳୟ ରୁ ୨୦୦ରୁ ଅଧିକ ସ୍ୱେଚ୍ଛାସେବୀ ଶିବିରରେ ଯୋଗ ଦେଇଥିଲେ । ପ୍ରତ୍ୟେକ ଦିନର ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ମନୋରମ ଥିଲା । ଲୋଇସିଂହା ଏବଂ ରୋତ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀମାନେ ଦୁଇଟି ନାଟକ ପରିବେଷଣ କରି ଦର୍ଶକଙ୍କ ହୃଦୟ ଜିଣି ନେଇଥିଲେ । ୧୪ ତାରିଖ ଦିନ ବଲାଙ୍ଗିର ଜିଲ୍ଲାର ସମସ୍ତ ଡ଼ିଗ୍ରୀ ମହାବିଦ୍ୟାଳୟ ରୁ ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସର ଆସିଥିଲେ କ୍ଷ ଡ. ସୁମନ୍ତ କେରକେଟାଙ୍କ ସଭାପତିତ୍ୱରେ ଏକ ରିଭ୍ୟୁ ମିଟିଙ୍ଗ ହୋଇଥିଲା । ଶିବିରର ଉଦଘାଟନ ଉତ୍ସବ କଲେଜର ଅଧକ୍ଷ ବିଜୟ କୁମାର କଲେଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଡ. ମୁକେଶ ମହାଲିଙ୍ଗ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଗୋଲକ ବିହାରୀ ପଟେଲ, ହେମନ୍ତ ମଲ୍ଲିକ, ବୃନ୍ଦାବନ ପଟେଲ ଯୋଗ ଦେଇଥିଲେ । ଏହି ସଭା ଡ. ଅଜିତ ଭୋଇଙ୍କ ଦ୍ୱାରା ପରିଚାଳିତ ହୋଇଥିଲା କ୍ଷ ଏହି ତାଲିମ ଶିବରରେ ବିଦ୍ୱାନ ବ୍ୟକ୍ତି ପ୍ରମୁଖ ସ୍ୱାମୀ ତେଜୋମୟନନ୍ଦ ସରସ୍ୱତୀ, ପ୍ରଫେସର ସଂଜୀବ କୁମାର ଦାସ, କୃଷ୍ଣ ଚରଣ ଦର୍ଜୀ, ଡ. ବୁଦ୍ଧଦେବ ମିଶ୍ର, ସାମ୍ବାଦିକ ସନ୍ଦୀପ କୁମାର କୁଅଁର, ସଦ୍ୟ ଓ.ଏ. ଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ହେମନ୍ତ ପୁଟା, ଏସ୍ ବି ଆଇ ବ୍ୟାଙ୍କ ଅଧିକାରୀ ଦେବାଶିଷ ଭୋଇ, ଭବାନୀପାଟଣା ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଧୀରେଶ ନନ୍ଦ ପ୍ରମୁଖ ଅଂଶଗ୍ରହଣ କରି ପିଲାଙ୍କୁ ସଚେତନ କରିଥିଲେ । ଯୋଗଗୁରୁ ଅଶୋକ ଅଗ୍ରୱାଲ, ଜ୍ୟୋତି ପ୍ରକାଶ ସାହୁ, ସସ୍ମିତା ସାହୁ ଆଦି ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ବଲାଙ୍ଗିର ଓଡ୍ରାପ ସଦସ୍ୟ ନୂତନ କୁମାର ଭୋଇ ନିଆଁରୁ ଉଦ୍ଧାର ସମ୍ପର୍କିତ ସୁରକ୍ଷା ଶିକ୍ଷା ଦେଇଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ସକାଶେ କଲେଜର ଅଧ୍ୟାପକ ଶମ୍ଭୁ ପ୍ରସାଦ ସାହୁ, ଅନନ୍ତ କୁମାର ଆର୍ଯ୍ୟ, ଅଧ୍ୟାପିକା ବିଜ୍ଞଶ୍ରୀ ଗୁରୁ, ବାରିଧି ତ୍ରିପାଠୀ, ଖେଳ ଶିକ୍ଷକ ରମାକାନ୍ତ ରାଉତ, ଲାଇବ୍ରେରୀଏନ ଚକ୍ରଧର ପଟେଲ ତଥା ଅନ୍ୟକ୍ଷନ୍ୟ ସମସ୍ତ କର୍ମଚାରୀଙ୍କ ପ୍ରମୁଖ ଭୂମିକା ଥିଲା ।ଏହା ସହିତ ପୁରାତନ ଛାତ୍ର ଶିବାଶିଷ ମିଶ୍ର, ସୁରଜ ସିଂ ଦେଓ, ରଞ୍ଜନ ସାହୁ, ଅକ୍ଷୟ ସାହୁଙ୍କ ଅକ୍ଳାନ୍ତ ପକ୍ଷରିଶ୍ରମିକ ସହଯୋଗ ଥିଲା । ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ଭାବରେ ସମାପନ ହୋଇଥିଲା ।

# ମାର୍ସେଲସ୍ ଇନ୍‌ଭେଷ୍ଟମେଂଟ୍ ମ୍ୟାନେଜର୍ସ ପକ୍ଷରୁ କ୍ୱାଂଟ୍ ଫଣ୍ଡ୍ ମେରିଟର୍‌କ୍ୟୁର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ପୋର୍ଟଫୋଲିଓ ମ୍ୟାନେଜ୍‌ମେଂଟ୍ କମ୍ପାନୀ ମାର୍ସେଲସ୍ ଇନ୍‌ଭେଷ୍ଟମେଂଟ୍ ମ୍ୟାନେଜର୍‌ସ ପ୍ରା.ଲିଃ ପକ୍ଷରୁ ଏକ ସ୍ୱତନ୍ତ୍ର କ୍ୱାଂଟ୍-ଆଧାରିତ ଫଣ୍ଡ୍ ମାର୍ସେଲସ୍ ମେରିଟର୍‌କ୍ୟୁ'ର ଶୁଭାରମ୍ଭ କରାଯାଇଛି। ଏହି ଉତ୍ପାଦ ଲାର୍ଜ, ମିଡ୍ ଓ ସ୍ମଲ୍ କ୍ୟାପ୍ ସେଗ୍‌ମେଂଟ୍‌ରେ ୩୫ରୁ ୪୫ଟି ଷ୍ଟକ୍ ଥିବା ଏକ ବିବିଧ ପୋର୍ଟଫୋଲିଓ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ନିଫ୍ଟି ୫୦୦ଟିଆର୍‌ଆଇ ବିରୋଧରେ ଏହି ଫଣ୍ଡ୍ ବେଂଚ୍‌ମାର୍କ ହେବ। ଏହି ପୋର୍ଟଫୋଲିଓ ତାଲିକାଭୁକ୍ତ ଷ୍ଟକ୍‌ଗୁଡିକର ଏକ ବିଶାଳ ବ୍ରହ୍ମାଣ୍ଡରୁ ଉଚ୍ଚ ଗୁଣବତାଯୁକ୍ତ ଓ ବହୁମୂଲ୍ୟ କମ୍ପାନୀଗୁଡିକୁ ଚିହ୍ନଟ କରିବା ପାଇଁ ଏକ ଆଭ୍ୟନ୍ତରୀଣ ଭାବେ ବିକଶିତ ନିୟମ-ଆଧାରିତ ସିଷ୍ଟମ ଉପରେ ନିର୍ମିତ। ଜୁଲାଇ ୨୦୦୬ରୁ ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ୧୬ ବର୍ଷର ଅବଧିରେ ମେରିଟର୍‌କ୍ୟୁର ପରୀକ୍ଷଣ କରାଯାଇ, ଏହି ଫଣ୍ଡ୍ ନିଫ୍ଟି ୫୦୦ଟିଆର୍‌ଆଇ ପାଇଁ ୭.୩ ଗୁଣ ତୁଳନାରେ ୨୦ଗୁଣ ରିଟର୍ଣ୍ଣ ଦେଇଛି। ମେରିଟରକ୍ୟୁ ଅତ୍ୟଧିକ ଅସ୍ଥିର ବଜାର ସ୍ଥିତି ସମୟରେ ନିମ୍ନ ଡ୍ରଡାଉନ୍ ଓ ଦ୍ରୁତ ପୁନରୁଦ୍ଧାରକୁ ଭଲ ଭାବରେ ତଦାରଖ କରିଛି। ଏହି ଫଣ୍ଡ୍ ଉପରେ ମାର୍ସେଲସ୍ ଇନ୍‌ଭେଷ୍ଟମେଂଟ୍ ମ୍ୟାନେଜର୍ସର ଚିଫ୍ ଇନ୍‌ଭେଷ୍ଟମେଂଟ୍ ଅଫିସର ସୌରଭ ମୁଖର୍ଜୀ କହିଛନ୍ତି, ' ଅନେକ ଖୁଚୁରା ନିବେଶକମାନେ ବହୁଦିନରୁ ଇଚ୍ଛା କରିଆସୁଥିଲେ ଯେ, ମାର୍ସେଲସ୍ ବଜାରକୁ ଏଭଳି ଏକ ଉତ୍ପାଦ ଆଣୁ ଯାହା ଏକ କ୍ଷୁଦ୍ର-ଆକାରର ନିବେଶ ଆବଶ୍ୟକ କରୁଥିବ। ନିବେଶ ନିଷ୍ପତି ପ୍ରତି ଏକ ସୂଚିତ ଓ ନିୟମ-ଆଧାରିତ ଆଭିମୁଖ୍ୟ ଗ୍ରହଣ କରି ମେରିଟରକ୍ୟୁ ନିବେଶକମାନଙ୍କୁ ନିଜର ଦୀର୍ଘକାଳିନ ଲକ୍ଷ୍ୟକୁ ହାସଲ କରିବାରେ ସାହାଯ୍ୟ କରିବା ଲାଗି ଏକ ଉପଯୁକ୍ତ ବିକଳ୍ପ ଉପସ୍ଥାପନ କରିଛି।' ମେରିଟରକ୍ୟୁ ପାଇଁ ନିବେଶ ପରାମର୍ଶଦାତା କ୍ରିଷ୍ଟନ୍ ଭିଆର୍ କହିଛନ୍ତି, 'ମେରିଟର୍‌କ୍ୟୁ ହେଉଛି ମୌଳିକତା ଉପରେ ଗୁରୁତ୍ୱ ସହିତ ଏକ ନିୟମ-ଆଧାରିତ ରଣନୀତି। ମେରିଟରକ୍ୟୁ ସ୍ୱଚ୍ଛ ଆକାଉଂଟ୍ ଓ ବହୁମୂଲ୍ୟ ସହିତ ଉଚ୍ଚ ମାନର କମ୍ପାନୀଗୁଡିକୁ କିଣିବାରେ ମାର୍ସେଲସ୍‌ର ସାଲିସ୍‌ବିହୀନ ଆଭିମୁଖ୍ୟକୁ ଅନୁସରଣ କରୁଛି। ଏହି ରଣନୀତି ସର୍ବନିମ୍ନ ୩ ବର୍ଷର ଏକ ନିବେଶ ବଳୟ ଥିବା ନିବେଶକଙ୍କ ପାଇଁ ଉପଯୁକ୍ତ ଅଟେ।' ଏହାର ପୋର୍ଟଫୋଲିଓ ନିର୍ମାଣ ପଦ୍ଧତିକୁ ୧୬ ବର୍ଷ ମଧ୍ୟରେ କଠୋର ଭାବେ ପରୀକ୍ଷଣ କରାଯାଇଛି ଏବଂ ଏହା ୫୦%ର ହାରାହାରି ବାର୍ଷିକ ଟର୍ଣ୍ଣଓଭରରେ ବିଭିନ୍ନ ବଜାର ଚକ୍ରରେ ନିରନ୍ତର ପ୍ରଦର୍ଶନ ପ୍ରଦାନ କରିଛି। ସ୍ୱଚ୍ଛ ଆକାଉଂଟ୍ ଥିବା କମ୍ପାନୀଗୁଡିକୁ ଚୟନ କରିବା ପାଇଁ ମାର୍ସେଲସ୍‌ର ଫରେନ୍ସିକ୍ ଫ୍ରେମ୍‌ୱର୍କ ଉପରେ ନିର୍ଭର କରୁଛି।

# ସିଟି ହସପିଟାଲ ଦାବି ନେଇ କେନ୍ଦ୍ରାପଡ଼ାରେ ବନ୍ଦ ପାଳନ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଇଛାପୁର ଶ୍ୟାମଗୁଡ଼ିଆକୁ ସ୍ଥାନାନ୍ତରିତ ହେବା ପରେ ସେହି ପୁରୁଣା କୋଠାରେ ସିଟି ହସପିଟାଲ ସ୍ଥାପନ ଦାବି ଜୋର ଧରିବାରେ ଲାଗିଛି । ଏହାକୁ ନେଇ କିଛିଦିନ ହେବ ସହରରେ ରାଜନୈତିକ କାର୍ଯ୍ୟକଳାପ, ମନ୍ତ୍ରଣା ଯନ୍ତ୍ରଣା ତୀବ୍ର ହେବାରେ ଲାଗିଛି । ସିଟି ହସପିଟାଲ ଦାବି ସମର୍ଥନରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୭ ତାରିଖ ମଙ୍ଗଳବାର ୨୪ ଘଣ୍ଟିଆ ବନ୍ଦ ଡାକରା ପାଳନ କରାଯାଇଛି । ତିନିମୁହାଣୀ ଠାରେ ସପକ୍ଷବାଦୀ ମାନେ ରାସ୍ତା ଅବରୋଧ କରି ଏକ ବିରାଟ ର୍ୟାଲିରେ ସହର ପରିକ୍ରମା କରି ଲୋକ ମାନଙ୍କୁ ବନ୍ଦ ପାଳନ ପାଇଁ ବୁଝାଉ ଥିବା ଦେଖିବାକୁ ମିଳିଥିଲା । ପରେ ତିନିମୁହାଣୀ ଠାରେ ଆନ୍ଦୋଳନକାରୀ ମାନେ ରାସ୍ତା ଅବରୋଧ କରି ଟାୟାର ଜାଳି ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ କରି ଦେଇଥିବା ଦେଖିବାକୁ ମିଳିଥିଲା । ଏହି ବନ୍ଦ ପାଳନ ସମୟରେ ସମସ୍ତ ରାଜନୈତିକ ଦଲ ଏକାଠି ହୋଇ ସିଟି ହସପିଟାଲ ଦାବିକୁ ନୈତିକ ସମର୍ଥନ ଦେଇଥିବା ଦେଖିବାକୁ ମିଳିଛି । କାଁ ଭାଁ କେତେକ ଜାଗାକୁ ଛାଡିଦେଲେ ସହରର ସମସ୍ତ ଦୋକାନ ବନ୍ଦ ସଫଳ ହୋଇଥିବା ଆନ୍ଦୋଳନକାରୀ ମାନେ ଦାବି କରିଛନ୍ତି । ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଦପ୍ତର ଓ ବ୍ୟାଙ୍କ ପ୍ରଭୃତିରେ ପୋଲିସ ମୁତୟନ ରହିବା ସହ କୌଣସି ପ୍ରକାର ଅଘଟଣକୁ ଏଡାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଲିସ ବାହିନୀ ସଜାଗ ରହିଥିବା ଦେଖିବାକୁ ମିଳିଛି । ଏସଡିପିଓ ଜୟନ୍ତ ମହାପାତ୍ର, ଟାଉନ ଥାନା ଅଧିକାରୀ ତପନ ନାୟକ, ଏଏସଆଇ ରତୀ ରଞ୍ଜନ ନାୟକ, ଟାଉନ ଥାନା ଜମାଦାର ନରେନ୍ଦ୍ର ନାଥ ସୋରେନ ପ୍ରମୁଖ ସହର ସାରା ପଇଁତରା ମାରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ତଦାରଖ କରିଥିଲେ ।

# ରାଜ୍ୟସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତାରେ ବଲାଙ୍ଗିର ର ସଫଳତା

ବଲାଙ୍ଗିର, (ପିଏନ)-ଗତ ୧୪ ଓ ୧୫ ଦୁଇ ଦିନ ଧରି ପୁରୀର ସତି ରାନୀଘାଟ ସ୍ଥିତ ଟାଇକଣ୍ଡୋ ଟ୍ରେନିଂ ହଲ ଠାରେ ୩୫ ତମ ରାଜ୍ୟସ୍ତରୀୟ ଖିରୋଗି ଓ ୮ତମ ପୁମସାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ଏକ ୬ ଜଣିଆ ଟିମ୍ ଭାଗ ନେଇଥିଲେ । ଏଥିରେ ଜୁନିୟର ବାଳିକା ଖିରୋଗି ( ଫାଇଟ) ବିଭାଗରେ କୋଶଲ୍ୟା ଷାଣ୍ଢ (୪୬ କେଜି) ବ୍ରୋଂଚ ପଦକ, ପ୍ରିୟଙ୍କା ପଶାୟତ ଓ ପରିମିତା ବିଶ୍ୱାଲ (୪୯ କେଜି) ବ୍ରୋଂଚ ପଦକ ହାସଲ କରିଛନ୍ତି । ଏହି ସଫଳତା ପାଇଁ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ସାଧାରଣ ସଂପାଦକ ତଥା କୋଚ ଅସୀମ କୁମାର ଭୋଇ ଏବଂ ରାଜ୍ୟ ଟାଇକଣ୍ଡୋ ସାଧାରଣ ସଂପାଦକ ମନମୋହନ ଭଞ୍ଜ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ପ୍ରକାଶ ଥାଉ କି ପରିମିତା ବିଶ୍ୱାଲ ଓ କୌଶଲ୍ୟ ଷାଣ୍ଢ ଚିକଲବାହାଲ ୟୁଜିଏଚଏସ୍ ସ୍କୁଲର ଛାତ୍ରୀ ଥିବା ବେଳେ ପ୍ରିୟଙ୍କା ପଶାୟତ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ । ଏହି ଟାଇକଣ୍ଡୋ ଟ୍ରେନିଂ ପାଇଁ ନିଜସ୍ୱ ଏକ ଇନ୍‌ଡୋର ହଲ୍ ର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ କଲେ ନିଶ୍ଚିତ ଭାବରେ ଆଗାମୀ ଦିନରେ ଏହି ଜିଲ୍ଲାରୁ ଛାତ୍ର ଛାତ୍ରୀମାନେ ଉପକୃତ ହୋଇପାରିବେ ବୋଲି କୋଚ ଶ୍ରୀ ଭୋଇ ମତପ୍ରକାଶ କରିଛନ୍ତି ।

# ଚୋରି ମାମଲାରେ ଅଭିଯୁକ୍ତ ଗିରଫ

ଜୟପୁର ,(ପିଏନ)-ଜୟପୁର ସଦର ପୋଲିସ ଚୋରି ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଅନ୍ତା ଗ୍ରାମର ଅଜୟ ବାଘ (୨୩) ପୋଲିସ ସୁଚନା ଅନୁଯାୟୀ ଟାଟା ପାଓାର ଜୟପୁର ଡିଭିଜନର ସହକାରି ନିବାହୀଯନ୍ତ୍ରୀ ଦିବ୍ୟ ଜ୍ୟୋତି ମହାପାତ୍ର ଅଭିଯୋଗ କରିଥିଲେ ଯେ ୧୩ ତାରିଖ ବିଳମ୍ବିତ ରାତ୍ର ରେ ଦୃବୁତ ମାନେ ୧୬ କେଭି ବିଶିଷ୍ଟ ଟ୍ରାନସଫରମର ଯନ୍ତ୍ରାଂଶ ଚୋରି ହୋଇଥିବା ସେ ଅଭିଯୋଗ କରିଥିଲେ । ଚୋରି ସାମଗ୍ରୀ ମୁଲ୍ୟ ୯୦ ହଜାର ଟଙ୍କା ହେବ । ପୋଲିସ ଅଭିଯୋଗ ପାଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ବାକୁ ମିଳିଛି ଯେ ଜୟପୁର ସଦର ଥାନା ଅନ୍ତର୍ଗତ ଅନ୍ତା ଗ୍ରାମର ଅଜୟ ବାଘ ଟ୍ରାନସଫରମର ଯନ୍ତ୍ରାଂଶ ସାମଗ୍ରୀ ଚୋରି କରିଥିଲା । ପୋଲିସ ଅଭିଯୁକ୍ତ ଠାରୁ ଟ୍ରାନସଫରମର ସାମଗ୍ରୀ ଜବତ କରିଥିଲା । ବାଇକ ରେ ଚୋରି ସାମଗ୍ରୀ ଚାଲାଣ କରିଥିବା ରୁ ବାଇକ କୁ ମଧ୍ୟ ଜବତ କରି ଥିବା ବେଳେ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ମାମଲାରେ ଅନ୍ୟ ଏକ ଅଭିଯୁକ୍ତ ଫେରାର ଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଏୟାରପୋର୍ଟର ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ଜୟପୁର , (ପିଏନ)-ଜୟପୁର ଏୟାର ପୋର୍ଟର ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ରାଜସ୍ୱ) ସତ୍ୟ ବ୍ରତ ସାହୁ । ମାଲକାନଗିରି ଗସ୍ତରେ ଯାଇ ଫେରିବା ସମୟରେ ଜୟପୁର ଏୟାର ପୋର୍ଟ ରେ ପହଂଚି ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ସମୟରେ ଏଡିଏମ ରାମେଶ୍ୱର ପ୍ରଧାନ, ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଜୟପୁର ଉପ ଜିଲାପାଳ ଦାୟିତ୍ୱ ରେ ଥିବା ପିଏ ଆଇଡିଟିଏ ଗୋପିନାଥ ସାରକା, ଜୟପୁର ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ପରେ ହେଲିକେପ୍ଟରରେ ଭୁବନେଶ୍ୱର ଫେରି ଥିବା ଜଣାଯାଇଛି ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଯକ୍ଷ୍ମା ରୋଗ ବିରୁଦ୍ଧରେ ପ୍ରଧାନମନ୍ତ୍ରୀଙ୍କ ନି-କ୍ଷୟ ମିତ୍ର ଅଭିଯାନକୁ ସମର୍ଥନ




ଭୁବନେଶ୍ୱର, (ପିଏନ): ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀଙ୍କ ଟିବି ମୁକ୍ତ ଭାରତ ଅଭିଯାନ ନିକ୍ଷୟ ମିତ୍ରକୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଛି। ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ହେଉଛି ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା ରୋଗକୁ ଦୂର କରିବା ଓ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ସାଙ୍ଗକୁ ସେମାନଙ୍କ ଉପଯୁକ୍ତ ପୋଷଣ ଯତ୍ନ ଉପରେ କେନ୍ଦ୍ର ସରକାରଙ୍କ ଏକ ପଦକ୍ଷେପ।

ଝାରସୁଗୁଡ଼ାଠାରେ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଶ୍ରୀ ସୁନିଲ ଗୁପ୍ତା, ସିଇଓ-ବେଦାନ୍ତ ଲିଃ, ଝାରସୁଗୁଡ଼ା। ଏହି ଅବସରରେ ଡୋଳାମଣି ପଟେଲ, ମୁଖ୍ୟ ଜିଲ୍ଲା ମେଡିକାଲ ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଝାରସୁଗୁଡ଼ା, ମିସ ରେସମା ରଣା, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଓ ଦିନେଶ କୁମାର ସାହୁ, ଡବଲ୍ୟୁଏଚଓ ପରାମର୍ଶଦାତା ଉପସ୍ଥିତ ଥିଲେ। ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର ୬୫ ଜଣ ରୋଗୀଙ୍କୁ ସହାୟତା କରିବା ସହ ସେମାନଙ୍କୁ ଉପଯୁକ୍ତ ପୋଷକ ଓ ଚିକିତ୍ସା ପରାମର୍ଶ ଦେବାକୁ ପ୍ରତଶ୍ରୁତି ଦେଇଛି।

ଗୋଷ୍ଠୀ ପାଇଁ ବେଦାନ୍ତ ଆଲୁମିନିୟମର ଏହି ସ୍ୱାସ୍ଥ୍ୟ ହସ୍ତକ୍ଷେପ ବିଷୟରେ ଶ୍ରୀ ସୁନିଲ ଗୁପ୍ତା, ସିଇଓ-ବେଦାନ୍ତ ଲିଃ, ଝାରସୁଗୁଡ଼ା କହିଛନ୍ତିଯେ ଆମର ସାମାଜିକ ପଦକ୍ଷେପ ମଧ୍ୟରେ ସ୍ୱାସ୍ଥ୍ୟ ଓ ସୁସ୍ଥତା ପ୍ରମୁଖ ଅଂଶ। ପ୍ରଧାନମନ୍ତ୍ରୀଙ୍କ ଟିବି ମୁକ୍ତ ଭାରତ ଆହ୍ୱାନକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ଓ ଜାତୀୟ ସ୍ତରୀୟ ଆହ୍ୱାନ ହୋଇଥିବା ଏହି ରୋଗକୁ ପ୍ରଭାବଶାଳୀ ହସ୍ତକ୍ଷେପ ଦ୍ୱାରା ରୋକାଯାଇପାରିବ। ତେଣୁ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମକୁ ସଠିକ ଭାବେ କାର୍ଯ୍ୟକାରୀ କରାଇପାରିଲେ ଆମ ସ୍ଥାନୀୟ ଗୋଷ୍ଠୀଙ୍କ ଜୀବନରେ ଉନ୍ନତି ଆସିପାରିବ।

ଡା. ଡୋଳାମଣି ପଟେଲ,ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଝାରସୁଗୁଡ଼ା କହିଥିଲେଯେ- ଯକ୍ଷ୍ମା ଚିକିତ୍ସା ସହ ରୋଗୀଙ୍କୁ ସହାୟତା କରିବା ଓ ଦେଶରୁ ଏହି ରୋଗକୁ ବିଲୋପ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଟିବି ମୁକ୍ତ ଭାରତ ଅଭିଯାନରେ ସବୁ ହୀତାଧିକାରୀଙ୍କୁ ଏକାଠି କରିବା ପାଇଁ ଯୋଜନା କରାଯାଇଛି। ଅନେକ ସମୟରେ ରୋଗୀ ଉପଯୁକ୍ତ ପରାମର୍ଶ ଓ ପୁଷ୍ଟିକର ଖାଦ୍ୟ ପାଇବାକୁ ଅସମର୍ଥ। ମୁଁ ବେଦାନ୍ତ ଆଲୁମିନିୟମକୁ ଏଥିପାଇଁ ଧନ୍ୟବାଦ ଦେବାକୁ ଚାହିଁବି ଏପରି ଏକ ମହତ କାମରେ ଅଂଶଗ୍ରହଣ କରି ଲୋକମାନଙ୍କ ହୀତ ପାଇଁ ସେ କାର୍ଯ୍ୟ କରୁଛି। ଉପଯୁକ୍ତ ସମୟରେ ଚିକିତ୍ସା ଦ୍ୱାରା ରୋଗୀ ସଂପୂର୍ଣ୍ଣ ଭଲ ହୋଇ ପାରିବ।

# ରୟାଲ୍ ଏନ୍‌ଫିଲ୍ଡର ନୂଆ ସୁପର୍ ମିଟିଅର୍‌୬୫୦ ଉନ୍ମୋଚିତ

**ଭୁବନେଶ୍ୱର:** ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ଭାରତ ଓ ୟୁରୋପରେ ଏହାର ନୂଆ ସୁପର ମିଟିଅର୍ ୬୫୦କୁ ଉନ୍ମୋଚନ କରାଯିବା ସହିତ ବ୍ରାଣ୍ଡ ଏହାର ରିଟେଲ୍ ଉପଲବ୍ଧତା ଓ ମୂଲ୍ୟ ସମ୍ପର୍କରେ ଘୋଷଣା କରିଛି। ଦୁଇଟି ସ୍ୱତନ୍ତ୍ର ଭାରିଆଂଟ୍ ଯଥା ସୁପର୍ ମିଟିଅର୍ ୬୫୦ ଓ ସୁପର୍ ମିଟିଅର୍ ୬୫୦ ଟୁୟରର୍ ଏବଂ ୭ଟି କଲର୍‌ରେ ନିର୍ମିତ ଏହି ବାଇକ ୩୪୮,୯୦୦ (ଏକ୍ସଶୋ'ରୁମ୍, ଭାରତ), ୬୭୯୯ ଜିବିପି (ଓଟିଆର୍,ୟୁକେ) ଓ ୭୮୯୦ ୟୁରୋ (ଏମ୍‌ଏସ୍‌ଆର୍‌ପି, ଫ୍ରାନ୍ସ)ର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଭାରତରେ ଏହାର ଡିସ୍‌ପ୍ଲେ ଓ ବୁକିଙ୍ଗ୍ ଆରମ୍ଭ ହୋଇଯାଇଛି ଏବଂ ଏହାର ଡେଲିଭରି ଆସନ୍ତା ଫେବୃଆରୀ ୨୦୨୩ରୁ ଆରମ୍ଭ ହେବ। ସେହିପରି ୟୁରୋପରେ ମଧ୍ୟ ଏହାର ବୁକିଙ୍ଗ୍ ଆରମ୍ଭ ହୋଇଛି ଏବଂ ଏହାର ରିଟେଲ୍ ସେଲ୍ ଆସନ୍ତା ମାର୍ଚ୍ଚ ୨୦୨୩ ମଧ୍ୟଭାଗରୁ ଆରମ୍ଭ ହେବ।

ସୁପର୍ ମିଟିଅର୍‌୬୫୦ ରୟାଲ୍ ଏନ୍‌ଫିଲ୍ଡର ସୁପର୍‌ଲେଟିଭ୍ କ୍ରୁଜର୍ ନିର୍ମାଣ ଐତିହ୍ୟକୁ ବଜାୟ ରଖିଛି। ଏହା ବହୁପ୍ରଶଂସିତ ୬୪୮ ସିସି ଟ୍ୱିନ୍




ପ୍ଲାଟ୍‌ଫର୍ମ ଦ୍ୱାରା ପରିଚାଳିତ ଯାହା ୨୦୧୮ ପରଠାରୁ ମଲ୍ଟି-ଆୱାର୍ଡ-ୱିନିଙ୍ଗ୍ ମୋଟରସାଇକେଲ୍, ଇଂଟରସେପ୍ଟର ଆଇଏନ୍‌ଟି ୬୫୦ ଓ କଂଟିନେଂଟାଲ ଜିଟି୬୫୦ ମଧ୍ୟରେ ବିଶ୍ୱବ୍ୟାପୀ ସ୍ୱୀକୃତି ଲାଭ କରିଛି। ଏହାକୁ ଟ୍ରାକ୍, ବେଲ୍‌ଜିଆନ୍ ପେଭ୍ ଏବଂ ଭାରତ, ୟୁକେ ଓ ସ୍ପେନ୍‌ର ରାଜପଥ, ବିଭିନ୍ନ ଟାଉନ୍ ଓ ସହରର ରାସ୍ତାରେ ପରୀକ୍ଷଣ କରାଯାଇଛି ଯାହା ସବୁଠାରୁ ନିର୍ଭରଯୋଗ୍ୟ ଓ ଉପଭୋଗ୍ୟ ଚାଳନା ସୁନିଶ୍ଚିତ କରିବା ପାଇଁ ୧ ମିଲିୟନରୁ ଅଧିକ କିଲୋମିଟର୍ ପଥ ଅତିକ୍ରମ କରିଛି। ନୂଆ ସୁପର ମିଟିଅର୍‌୬୫୦ ଉପରେ ମତ ରଖି ଆଇଚର୍ ମୋଟର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଲାଲ୍ କହିଛନ୍ତି, ' ସୁପର୍ ମିଟିଅର୍ ୬୫୦ର ଡିଜାଇନ୍ ଭାଷା, ଜିଓମେଟ୍ରୀ, ଫର୍ମ-ଫ୍ୟାକ୍ଟର ଓ ଚମତ୍କାର ୬୫୦ ସିସି ଟ୍ୱିନ୍ ଇଞ୍ଜିନ୍ ଏହାକୁ ନିଜ ବର୍ଗରେ ସୁବଠାରୁ ଆକର୍ଷଣୀୟ, ପହଂଚଯୋଗ୍ୟ ଓ ସକ୍ଷମ କ୍ରୁଜର୍‌ରେ ପରିଣତ କରୁଛି। ଆମେ ବିଶ୍ୱାସ କରୁଛୁ ଯେ, ଏହି ସୁପର ମିଟିଅର୍ ବିଶ୍ୱବ୍ୟାପୀ କ୍ରୁଜର୍ ପାଇଁ ବଜାରକୁ ବିସ୍ତାର କରିବ ଏବଂ ରୟାଲ ଏନ୍‌ଫିଲ୍ଡର ଟ୍ୱିନ୍ ପ୍ଲାଟ୍‌ଫର୍ମକୁ ଆଉ ଏକ ସ୍ତର ଉପରକୁ ନେବ।' ସେହିଭଳି ସୁପର୍ ମିଟିଅର୍‌୬୫୦ର ଉନ୍ମୋଚନ ଅବସରରେ ରୟାଲ ଏନ୍‌ଫିଲ୍ଡ ସିଇଓ ବି ଗୋବିନ୍ଦରାଜନ୍ କହିଛନ୍ତି, "ଆମ ପୋର୍ଟଫୋଲିଓରେ ଥଣ୍ଡର୍ ବାର୍ଡକୁ ରିପ୍ଲେସ୍ କରିଥିବା ରୟାଲ ଏନ୍‌ଫିଲ୍ଡ ମିଟିଅର୍ ୩୫୦ ବିଶ୍ୱବ୍ୟାପୀ ଚାଳକଙ୍କ ପାଇଁ କ୍ରୁଜିଙ୍ଗ୍‌କୁ ସହଜ କରିଛି ଏବଂ ୟୁରୋପ ଓ ବିଶ୍ୱର ଅନ୍ୟ ଭାଗରେ ଆମର ସର୍ବାଧିକ ବିକ୍ରି ହେଉଥିବା ମୋଟରସାଇକେଲ୍‌ରେ ପରିଣତ ହୋଇଛି।

# ହିମାଳୟା ୱେଲ୍‌ନେସ୍ କମ୍ପାନୀ ପକ୍ଷରୁ ବେବି ମସାଜ୍ ଅଏଲ୍‌ର ଶୁଭାରମ୍ଭ

**ଭୁବନେଶ୍ୱର:** ଭାରତର ଅଗ୍ରଣୀ ୱେଲ୍‌ନେସ୍ ବ୍ରାଣ୍ଡ ହିମାଳୟା ୱେଲ୍‌ନେସ୍ କମ୍ପାନୀ ନିକଟରେ ସୋରିଷର ଉତମତା ସହିତ ନୂଆ ହିମାଳୟା ବେବି ମସାଜ ଅଏଲ୍‌ର ଶୁଭାରମ୍ଭ କରିଛି। ଏହି ତେଲକୁ ଯତ୍ନର ସହିତ ନିର୍ଦ୍ଦିଷ୍ଟ ହର୍ବ ଓ ଉପାଦାନଗୁଡିକ ସହିତ ପ୍ରସ୍ତୁତ କରାଯାଇଛି ଯାହା ଶିଶୁର ତ୍ୱଚାକୁ ଏକ ନନ୍-ଷ୍ଟିକି ଫର୍ମୁଲା ସହିତ ପୋଷଣ ପ୍ରଦାନ କରିବାରେ ସାହାଯ୍ୟ କରିଥାଏ। ଏହା ଶିଶୁର ତ୍ୱଚାରେ ମଏଶ୍ଚର ଲକ୍ କରି ଏହାକୁ କୋମଳ ଓ ନରମ କରିଥାଏ। ୪ଟି ହର୍ବ ବା ଚେରମୂଳି- ଆଲୋବେରା, ଭେଟିଭର୍, ୱିଂଟର୍ ଚେରୀ ଓ କଂଟ୍ରି ମାଲୋର ଗୁଣ ଗୋଟିଏ ପାରମ୍ପରିକ ତେଲରେ ସମ୍ମିଶ୍ରଣ ସହ ଏହା ରକ୍ତ ସଂଚାଳନକୁ ଉନ୍ନତ କରିଥାଏ ମାଂସପେଶୀକୁ ମଜଭୁତ କରିଥାଏ ଓ ଶିଶୁର ବିକାଶକୁ ପ୍ରୋତ୍ସାହିତ କରିଥାଏ। ଏହାର କ୍ଲିନିକାଲ ପରୀକ୍ଷଣ କରାଯାଇଛି। ଏହାକୁ ପାରାବିନ୍, ମିନେରାଲ ଅଏଲ୍ ଓ ସିନ୍ଥେଟିକ୍ ଫ୍ରାଗ୍ରାନ୍ସ ବିନା ପ୍ରସ୍ତୁତ କରାଯାଇଛି, ଯାହା ଏହାକୁ ନବଜାତ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ ସ୍କିନ୍‌କେୟାର ପ୍ରଡକ୍ଟରେ ପରିଣତ କରୁଛି। ଏହି ଉନ୍ମୋଚନ ଅବସରରେ ହିମାଳୟା ୱେଲ୍‌ନେସ୍ କମ୍ପାନୀର ବେବିକେୟାର ବିଭାଗର ବିଜ୍‌ନେସ୍ ହେଡ୍ ଚକ୍ରବର୍ତୀ ଏନ୍.ଭି କହିଛନ୍ତି, 'ବେବି ମସାଜ ଅଏଲ୍‌ର ଏହି ହିମାଳୟାନ୍ ଇଣ୍ଡିଆନ୍ ହେରିଟେଜ୍ ସିରିଜ୍ ବହୁ ପୁରାତନ ପାରମ୍ପରିକ ଆୟୁର୍ବେଦିକ୍ ଅଭ୍ୟାସଗୁଡିକ ଦ୍ୱାରା ଅନୁପ୍ରାଣିତ ଯାହା ଆପଣଙ୍କ ଶିଶୁର ନିୟମିତ କାର୍ଯ୍ୟରେ ବଡି ମସାଜ୍ (ଅଭ୍ୟାଙ୍ଗ)ର ମହତ୍ୱ ଉପରେ ଗୁରୁତ୍ୱ ଦେଇଥାଏ। ଏହି ନୂଆ ତେଲର ଲଂଚ୍ ସହିତ ଆମେ ଅଭିଭାବକମାନଙ୍କୁ ସେମାନଙ୍କ ଶିଶୁ ପାଇଁ ଏକ ସ୍ୱଚ୍ଛ ଅବଶେଷ-ମୁକ୍ତ ବିକଳ୍ପ ସହିତ ଏକ ଅଲ୍-ଇନ୍-ୱାନ୍ ସମାଧାନ ପ୍ରଦାନ କରିବାକୁ ଚାହୁଁଛୁ।




# ମେଡ଼ିଟେରାନିଅନ୍ ଡାଏଟ୍





ଯଦି ଆପଣଙ୍କୁ ଏମିତି ଏକ ଡାଏଟ ବିଷୟରେ କୁହାଯିବ ଯେଉଁଥିରେ ସବୁକିଛି ଖାଇବାକୁ ହେବ ଏବଂ ଆପଣଙ୍କ ଓଜନ କମ କରିବା ସହିତ ଶରୀର ମଧ୍ୟ ସୁସ୍ଥ ରଖିବ। ନିଶ୍ଚୟ ଆପଣ କହିବେ ବାଃ! ଏମିତି କେଉଁ ଡାଏଟ ଅଛି? ଯେଉଁଥିରେ ଏତେ ଗୁଡ଼ିଏ ଲାଭ ମିଳିବ। ପୁଣି ସବୁ ଖାଦ୍ୟ ଖାଇ ହେବ। ଏହି ପ୍ରଶ୍ନର ଉତ୍ତର ହେଉଛି ମେଡିଟେରାନିଅନ ଡାଏଟ୍। ଅଧିକାଂଶ ଡାଏଟରେ ବିଭିନ୍ନ ଖାଦ୍ୟ ଖାଇବାକୁ ମନା ହୋଇଥାଏ। କିନ୍ତୁ ମେଡିଟେରାନିଅନରେ ସବୁ ଖାଦ୍ୟ ଖାଇବାକୁ କୁହାଯାଇଥାଏ। କେବଳ ସେତିକି ନୁହେଁ ମେଡିଟେରାନିଅନ ଡାଏଟ୍‌ରେ ଅନେକ ଲାଇଫଷ୍ଟାଇଲ ରୋଗ ମଧ୍ୟ ହୋଇନଥାଏ। ମେଡିଟେରାନିଅନ ଡାଏଟକୁ ଓଜନ କମ କରୁଥିବା ଡାଏଟ ମଧ୍ୟ କୁହାଯାଇଥାଏ। ଏହି ଡାଏଟ ୧୯୬୦ ଦଶକରେ ଇଟାଲୀ ଏବଂ ୟୁନାନ ଦେଶରେ ପାରମ୍ପରିକ ଖାଦ୍ୟ ଶୈଳୀରେ ସାମିଲ ଥିଲା। ରିସର୍ଚ୍ଚରେ ଜଣାପଡ଼ିଥିଲା ଆମେରିକା ତୁଳନାରେ ଇଟାଲୀ ଏବଂ ୟୁନାନର ଲୋକମାନେ ନିଜ ଦେଶର ପାରମ୍ପରିକ ଖାଦ୍ୟ ଡାଏଟ ଅନୁସରଣ କରିବା ଦ୍ୱାରା ଅନେକ ରୋଗ ଠାରୁ ଦୂରରେ ରହୁଛନ୍ତି। କିନ୍ତୁ ଆମେରିକାରେ ଏମିତି ରୋଗ ଦେଖା ଦେଇଥିଲା ଯାହା ୱେଷ୍ଟର୍ନ ଖାଦ୍ୟ କାରଣରୁ ହୋଇଥିଲା। ମେଡ଼ିଟେରାନିଅନ୍ ଶବ୍ଦର ଅର୍ଥ ହେଉଛି ପାଣିରେ ଘେରା ହୋଇଥିବା ଜାଗା। ଇଟାଲୀ ଏବଂ ୟୁନାନ ମେଡିଟେରାନିଅନ ସମୁଦ୍ରରେ ଘେରା ହୋଇଥିବା ଦେଶ। ମେଡିଟେରାନିଅନ୍ କ୍ଷେତ୍ରରେ ରହୁଥିବା ଲୋକମାନେ ସତେଜ ମାଛ, ତଟକା ପରିବା, ବିଭିନ୍ନ ପ୍ରକାର ଶସ୍ୟ ଆଦି ଖାଇଥାନ୍ତି। ଯେଉଁଥିପାଇଁ ଏହି ଡାଏଟର ନାମ ମେଡିଟେରାନିଅନ ରଖାଯାଇଥିଲା। ଆମେରିକାର ହାର୍ଟ ଆସୋସିଏସନ ଅନୁସାରେ ମେଡିଟେରାନିଅନ ଖାଦ୍ୟ ଖାଇବା ଦ୍ୱାରା ଫ୍ୟାଟରୁ ଅନେକ କ୍ୟାଲୋରୀ ମିଳିଥାଏ। ଯାହା ହାର୍ଟ ପାଇଁ ବହୁତ ଭଲ ହୋଇଥାଏ। ଏହି ଫ୍ୟାଟ ମୋନାଅନସ୍ୟାଚୁରେଟେଡ ଫ୍ୟାଟ ହୋଇଥାଏ। ମେଡିଟେରାନିଅନ ଡାଏଟରେ ନ୍ୟୁଟ୍ରିଏଣ୍ଟସ ଏବଂ ଫାଇଟୋନ୍ୟୁଟ୍ରିଏଣ୍ଟସ ରହିଥାଏ। ଯାହା ଶରୀରରେ ଆଣ୍ଟି ଇମ୍ଫାଲୋମେଟୋରୀ, ଆଣ୍ଟି ଭାଇରାଲ, ଆଣ୍ଟି ମ୍ୟୁଟାଜେନିକ, ଆଣ୍ଟି ଅକ୍ସିଡାଣ୍ଟ ପରି କାମ କରିଥାଏ। ଏହା ଶରୀରକୁ ବିଭିନ୍ନ ପ୍ରକାର ରୋଗ ସହିତ ଲଢ଼ିବାରେ ସକ୍ଷମ କରିଥାଏ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ଚାକିରୀ କରାଇଦେବା ନାଁ ରେ ଲକ୍ଷାଧିକ ଟଙ୍କା ଠକେଇ, ଅଭିଯୁକ୍ତକୁ ଗିରଫ କଲା ମନମୁଣ୍ଡା ପୁଲିସ

ବୌଦ୍ଧ, (ପିଏନ)-ଚାକିରୀ କରାଇଦେବାର ପ୍ରଲୋଭନ ଦେଖାଇ ୨ ଲକ୍ଷ ୪୬ ହଜାର ଟଙ୍କା ନେଇ ଫେରାର ଥିବା ଅଭିଯୁକ୍ତକୁ ଦୀର୍ଘ ୨ ବର୍ଷ ପରେ ମନମୁଣ୍ଡା ପୁଲିସ ଗିରଫ କରିବାରେ ସଫଳତା ହାସଲ କରିଛି।

ପ୍ରାପ୍ତ ସୂଚନାମତେ, ମନମୁଣ୍ଡା ଥାନା ଦହ୍ୟା ଗ୍ରାମର ରାହୁଲ କୁମାର ଦାସ ବି.ଟେକ ପାସ କରି ଚାକିରୀ ଅନ୍ୱେଷଣରେ ଥିଲେ। ୨୦୨୦ ମସିହାରେ ପୁରୀ ଜିଲ୍ଲା ନିମାପଡା ଥାନା ଗଡଗଣ୍ଡିଆ ଗ୍ରାମର ସୁମିତ କୁମାର ରାଉତରାୟ (୩୬) କୌଣସି ସୂତ୍ରର ସୁଯୋଗ ନେଇ ରାହୁଲ ସହ ଯୋଗାଯୋଗ କରିଥିଲା ଏବଂ ଏନଟିପିସି ସମ୍ବଲପୁର କିମ୍ବା ଅନୁଗୁଳରେ କନିଷ୍ଠ ଯନ୍ତ୍ରୀ ଚାକିରୀ କରାଇଦେବାର ରାହୁଲକୁ ପ୍ରଲୋଭନ ଦେଖାଇଥିଲା। ଚାକିରୀ କରାଇଦେବା ବାବଦକୁ ସୁମିତ ମୋଟା ଅଙ୍କ(ଲକ୍ଷାଧିକ) ଟଙ୍କା ରାହୁଲ ଠାରେ ଦାବି କରିଥିଲା। ବେକାରିଥିବା ରାହୁଲ ଚାକିରୀ ପାଇବା ଆଶାରେ ସୁମିତର ଦାବି ପ୍ରକାରେ ନଗଦ ୪୬ ହଜାର ଟଙ୍କା ଏବଂ ପରବର୍ତୀ ସମୟରେ ୨ ଲକ୍ଷ ଟଙ୍କାର ଏକ ଚେକ ଦେଇଥିଲେ। ସୁମିତ ଉକ୍ତ ଚେକ ମାଧ୍ୟମରେ ରାହୁଲର ଆକାଉଂଟରୁ ୨ ଲକ୍ଷ ଟଙ୍କା ଉଠାଣ କରି ସାରିବାପରେ ରାହୁଲ ସହ ସମସ୍ତ ଯୋଗାଯୋଗ ଛିନ୍ନ କରିଦେଇଥିଲା। ଫଳରେ ରାହୁଲ ଠକାମିର ଶିକାର ହୋଇଥିବା ଜାଣିପାରିଥିଲେ ଏବଂ ସେନେଇ ମନମୁଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ଥାନାରେ ଏକ ମାମଲା ନଂ ୯୨/୨୦ ରୁଜୁ ହୋଇଥିଲା ଏବଂ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ହେଲେ ଅଭିଯୁକ୍ତ ପୁଲିସ ନଜରରୁ ସର୍ବଦା ଦୁରେଇ ରହୁଥିଲା ଓ ପୁଲିସ ମଧ୍ୟ ତାର କୌଣସି ଟେର ପାଇ ପାରୁ ନ ଥିଲା। ପୁଲିସ ଭୁବନେଶ୍ୱର ଅଂଚଳରେ ଅଭିଯୁକ୍ତର ମୋବାଇଲ ଟ୍ରାକିଂ ସହ ବିଭିନ୍ନ ପ୍ରକାରେ ଯୋଗସୂତ୍ର ସ୍ଥାପନ କରି ଭୁବନେଶ୍ୱରରୁ ଅଭିଯୁକ୍ତ ସୁମିତକୁ ଗିରଫ କରି ମନମୁଣ୍ଡା ଥାନାକୁ ଆଣିଥିଲେ। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ଏବଂ ଉକ୍ତ ଘଟଣାରେ ଆଉ ଦୁଇ ଜଣ ଅଭିଯୁକ୍ତ ସମ୍ପୃକ ଥିବା ଜଣାପଡ଼ିଛି ଓ ପୁଲିସ ଏହାର ତଦନ୍ତ ଚଳାଇଛି ।

## ସରକାରଙ୍କ ନିୟମକୁ ମାନିଲାନି ଡାକ୍ତରଖାନା : ଦୁର୍ଘଟଣାରେ ଆହତ ଯୁବକଙ୍କ ଜୀବନ ଚାଲିଗଲା, ଭଙ୍ଗାରୁଜା, ଥାନାରେ ମାମଲା

**ରାଉରକେଲା, (ପିଏନ)-** ସରକାରଙ୍କର ନିୟମ ରହିଛି ଦୁର୍ଘଟଣାରେ ଆହତ ବ୍ୟକ୍ତି ୪୮ ଘଂଟା ଭିତରେ ଡାକ୍ତରଖାନାରେ ପହଁଚିଲେ ତାର ଆଶୁ ଚିକିତ୍ସା କରିବା ଦାୟିତ୍ୱ ଡାକ୍ତରଖାନା ମାନଙ୍କର, ହେଲେ ରାଉରକେଲା ନିକଟରେ ଥିବା ଏକ ଘରୋଇ ଡାକ୍ତରଖାନା ଜେପି ହସପିଟାଲ ଏହି ନିୟମକୁ ଫୁ କରିଦେଲେ। ରୋଗୀ ପହଁଚିବାର ୨ଘଂଟା ଯାଏ ପଚାରିଲେନି, ବିଏସକେୱାଇ କାର୍ଡ ଧାରୀ ଏହି ପରିବାରର ପୁଅର ଚିକିତ୍ସା ଲାଗି ଓଲଟି ୫୦ ହଜାର ମାଗିଲେ, ପରିବାର ଲୋକ ଦେଇ ପାରିଲେନି ଚିକିତ୍ସା ମଧ୍ୟ ହେଲାନି ଶେଷରେ ଯୁବକଙ୍କର ମୃତ୍ୟୁ ଘଟିଲା ବୋଲି ତାର ପରିବାର ପକ୍ଷରୁ ଅଭିଯୋଗ ହୋଇଛି ।

ରାଉରକେଲା ହନୁମାନ ବାଟିକା ନିକଟରେ ଗତକାଲି ଅପରାହ୍ନ ପ୍ରାୟ ୪ଟା ବେଳେ ଏସଟିଆଇ ନିବାସୀ ଚନ୍ଦନ ଦଳାଇ (୧୯) ମୋଟର ସାଇକେଲରେ ଦୁର୍ଘଟଣାଗ୍ରସ୍ତ ହୋଇ ସରକାରୀ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଦେଖି ତାଙ୍କୁ ଜେପି ଡାକ୍ତରଖାନାକୁ ପଠାଇଦେଲେ । ତେବେ ଜେପି ଡାକ୍ତରଖାନାରେ ଅପରାହ୍ନ ୫ଟା ୧୫ରେ ଏହି ରୋଗୀ ପହଁଚିବାର ୨ଘଂଟାଯାଏ କୌଣସି ଚିକିତ୍ସା କରାନଯାଇ ଓଲଟି ୫୦ ହଜାର ଟଙ୍କା ଦାଖଲ ଲାଗି କୁହାଯାଇଥିବା ଅଭିଯୋଗ ହୋଇଛି । ଏହି ରୋଗୀଙ୍କର ପରିବାର ପାଖରେ ବିଏସକେୱାଇ କାର୍ଡ ମଧ୍ୟ ରହିଥିଲା କିନ୍ତୁ ତାଙ୍କୁ ସଠିକ ଭାବେ ଚିକିତ୍ସା ମିଳିଲାନି ତେଣୁ ସନ୍ଧ୍ୟା ୭ଟା ୩୦ ରେ ଯୁବକର ଜୀବନ ଚାଲିଗଲା । ଆଜି ସକାଳୁ ଏହି ଖବର ପାଇ ସହରର ଅନେକ ଯୁବକ ସେଠାରେ ପହଁଚି ଡାକ୍ତରଖାନାର ସମ୍ମୁଖରେ ଲାଗିଥିବା କାଚ ଗୁଡିକୁ ଭାଂଗି ଚୁରମାର କରିବାପରେ ପୁଲିସ ସେଠାରେ ପହଁଚି ସ୍ଥିତିକୁ ଆୟତକୁ ନେଇଛି । ତେବେ ଏହି ଘଟଣାରେ ମୃତ ଯୁବକର ପିତା ହେମନ୍ତ ଦଳେଇ ଯିଏକି ଫାଷ୍ଟଫୁଡ ଦୋକାନ କରି ଚଳନ୍ତି ସେ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅର ଚିକିତ୍ସା ଏହି ଡାକ୍ତରଖାନା କଲାନି ୫୦ ହଜାର ମାଗିଲେ ଓ ଶେଷରେ ତାଙ୍କ ପୁଅର ମୃତ୍ୟୁହେଲା। ଏଥିଲାଗି ଜେପି ଡାକ୍ତରଖାନା ଦାୟୀ ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି । ତେଣୁ ରାସ୍ତା ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା କରାନଯିବା ଓ ଜଣେ ଯୁବକର ଜୀବନ ଚାଲିଜିବା ମାମଲାରେ ସରକାର କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ଜାଣିବା ଶୁଣିବା ମହଲରେ ଆଲୋଚନା ଚାଲିଛି।

## ବୌଦ୍ଧ ମହୋତ୍ସବରେ ଆୟୋଜିତ ହେଲା ଫୁଟବଲ ଟୁର୍ଣ୍ଣାମେଂଟ : ପୁରୁଣାକଟକ, ବୌଦ୍ଧ ବ୍ଲକ ଚମ୍ପିଆନ

ବୌଦ୍ଧ, (ପିଏନ)- ବୌଦ୍ଧ ମହୋତ୍ସବ ଅବସରରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଂଟରେ ପୁରୁଣାକଟକ ଦଳ ସହିତ ବୌଦ୍ଧ ବ୍ଲକ ଦଳ ଚମ୍ପିଆନ ହୋଇଛି । ଜିଲ୍ଲା ପରିଷଦ ପକ୍ଷରୁ ଜିଲ୍ଲା ଷ୍ଟାଡିୟମ ଠାରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଛି । ଟୁର୍ଣ୍ଣାମେଂଟର ପ୍ରଥମ ଖେଳ ପୁରୁଣାକଟକ ଦଳ ଓ ବୌଦ୍ଧର ଗେହ୍ଲମା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ ଗୋଲରେ ପୁରୁଣାକଟକ ଦଳ ବିଜୟୀ ହୋଇଥିଲା । ଦ୍ୱିତୀୟ ଖେଳ ବୌଦ୍ଧ ବ୍ଲକ ଓ କଂଟାମାଳ ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ନପାରିବାରୁ ଟ୍ରାଇବ୍ରେକର ଜରିଆରେ ୩-୨ ଗୋଲରେ ବୌଦ୍ଧ ବ୍ଲକ ବିଜୟୀ ହୋଇଛି ।

ଅତିଥି ଭାବେ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା କ୍ରୀଡା ସଂସଦର ସଂପାଦକ ରବିନ୍ଦ୍ର କୁମାର ରାଉତ, ପୂର୍ବତନ ଫୁଟବଲ ଖେଳାଳି ବିରେନ୍ଦ୍ର ସାହୁ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ଛିଦ୍ରର ଭୟ-ଟ୍ରାଇପୋଫୋବିଆ



ସୌମ୍ୟଜିତ ବାବୁ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ। ସେ ମୋର ଜଣେ କଲେଜ ସମୟର ବନ୍ଧୁ। କିଛି ଦିନ ତଳେ ତାଙ୍କ ଘରୁ ତାଙ୍କ ବଡ଼ଭାଇ ମୋତେ ମୋବାଇଲ ଦ୍ୱାରା ଜଣାଇଲେ ଯେ ଇତିମଧ୍ୟରେ ସୌମ୍ୟଜିତ ଘରେ ବା ବାହାରେ କୌଣସି ଜାଗାରେ ଛିଦ୍ରକୁ ଦେଖିଲେ ତା ଭିତରେ ଏକ ପ୍ରକାର ଅହେତୁକ ଭୟ ରହୁଛି। ମୁଁ ତାଙ୍କୁ ବ୍ୟସ୍ତ ନ ହେବା ପାଇଁ କହିଲି ବାସ୍ତବରେ ଏହା ଏକ ପ୍ରକାର ମାନସିକ ରୋଗ। ତେବେ ଏହାକୁ ଏହାକୁ ନେଇ ସେତେବଡ଼ ଭୟଭୀତ ହେବାର ନାହିଁ। ମୁଁ ତାଙ୍କୁ ସବିଶେଷ ବୁଝାଇ କହିଲି ଟ୍ରାଇପୋଫୋବିଆ ନାମକ ମାନସିକ ରୋଗର ଶିକାର ହୋଇଥିବା ରୋଗୀ ସାମାନ୍ୟ ଛିଦ୍ରକୁ ଦେଖି ଭୟ କରିଥାନ୍ତି। ଷ୍ଟ୍ରବେରୀ, ମହୁଫେଣା, ସୂର୍ଯ୍ୟମୁଖୀ ଫୁଲ, ଡାଳିମ୍ବ, ସ୍ପଞ୍ଜ ଓ ଜାଲିଦାର ଜିନିଷ ଆଦିରେ ଥିବା ଛିଦ୍ରକୁ ଦେଖି ରୋଗୀ ଭୟଭୀତ ହୋଇଯାନ୍ତି। ଏଭଳି ମାନସିକ ଅବସ୍ଥାକୁ ଟ୍ରାଇପୋଫୋବିଆ କୁହାଯାଏ। ଏହାକୁ ହୋଲ୍ସ ଫୋବିଆ ମଧ୍ୟ କୁହାଯାଏ। ଗ୍ରୀକ୍ ଶବ୍ଦ ଟ୍ରାଇପୋ ଅର୍ଥ ହେଉଛି ଛିଦ୍ର ଏବଂ ଫୋବିଆ ହେଉଛି ଭୟ। ତେଣୁ ଏହାକୁ ଟ୍ରାଇପୋଫୋବିଆ ବା ଛିଦ୍ରର ଭୟ ବୋଲି କୁହାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ରୋଗୀଟି ଚାହା ଓ କଫିରେ ଥିବା ଫେଣକୁ ଦେଖି ମଧ୍ୟ ଭୟଭୀତ ହୋଇଯାଏ। ବହୁବର୍ଷ ପୂର୍ବରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ,



ଟ୍ରାଇପୋଫୋବିଆ ଜେନେରାଲଜ୍‌ଡ ଏଙ୍ଗଜାଇଟି ଡିଜଅର୍ଡ଼ର ସହିତ ଜଡ଼ିତ। ତେଣୁ ଟ୍ରାଇପୋଫୋବିଆରେ ପୀଡ଼ିତ ରୋଗୀ ମେଜର ଡିପ୍ରେସିଭ ଡିଜଅର୍ଡ଼ରର ଅନୁଭବ କରିଥାନ୍ତି। ଛିଦ୍ରଯୁକ୍ତ କୌଣସି ବସ୍ତୁକୁ ଦେଖିବା ମାତ୍ରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ହୋଇ ଝାଳ ବାହାରିଥାଏ। ଶରୀରର ବିଭିନ୍ନ ଅଂଶ କୁଣ୍ଡେଇ ହେବା ଭଳି ଅନୁଭୂତ ହୁଏ ଏବଂ ଅଣନିଃଶ୍ୱାସୀ ଲାଗିଥାଏ। ହାତ ଗୋଡ ଥରିଥାଏ। ଏ ପର୍ଯ୍ୟନ୍ତ ଏହାର ସଠିକ କାରଣ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। କିନ୍ତୁ ଗବେଷଣାତ୍ମକ ତଥ୍ୟ ଅନୁସାରେ କୁହାଯାଉଛି ଯେ, ଯଦି ରୋଗୀ ପୂର୍ବରୁ କୌଣସି ଗମ୍ଭୀର ତ୍ୱଚା ସମସ୍ୟା ଯାଦୁ, କାଛୁ, ଲାଲ ଚକଡ଼ା ଭଳି ତ୍ୱଚାରୋଗ, ମିଳିମିଳା, ଚିକେନପକ୍ସ ଇତ୍ୟାଦିରେ ପୀଡ଼ିତ ହୋଇଥିବେ ଏବଂ ତାହାର ଚିକିତ୍ସା ଅତ୍ୟନ୍ତ କଷ୍ଟଦାୟକ ହୋଇଥିବ, ତାହେଲେ ସେମାନେ ଭବିଷ୍ୟତରେ ଟ୍ରାଇପୋଫୋବିଆରେ ପୀଡ଼ିତ ହେବାର ଆଶଙ୍କା ଅଧିକ ଥାଏ। ସେହି ରୋଗର ଭୟ ସେମାନଙ୍କୁ ଅନ୍ୟ ଛିଦ୍ରଯୁକ୍ତ ବସ୍ତୁରେ ଦେଖାଯାଇଥାଏ। ଏହା ବ୍ୟତୀତ ଛିଦ୍ରଯୁକ୍ତ ତ୍ୱଚାବିଶିଷ୍ଟ କୌଣସି ବିଷାକ୍ତ କୀଟପତଙ୍ଗ ଓ ସରୀସୃପର ଭୟ ମଧ୍ୟ ଅନ୍ୟାନ୍ୟ ଛିଦ୍ରଯୁକ୍ତ ଜିନିଷ ସହିତ ଯୋଡ଼ି ହୋଇଯାଏ। ଟ୍ରାଇପୋଫୋବିଆକୁ ନେଇ କେତେକ ନ୍ୟୁରୋଲୋଜିକାଲ ଗବେଷଣା ମଧ୍ୟ କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ, କୌଣସି ଛିଦ୍ରଯୁକ୍ତ ବସ୍ତୁକୁ ଭୟ କରୁଥିଲେ ମସ୍ତିଷ୍କରେ ରକ୍ତର ପ୍ରବାହ ଅଧିକ ହୋଇଥାଏ। ତେଣୁ ମସ୍ତିଷ୍କ ସେତେବେଳେ କୌଣସି ନିଷ୍ପତ୍ତି ନେଇପାରେନାହିଁ ଏବଂ ଉକ୍ତ ବସ୍ତୁକୁ ଦେଖାଯିବା ଉଚିତ ନୁହେଁ ବୋଲି ମସ୍ତିଷ୍କ ଦୃଷ୍ଟିଶକ୍ତି ସମ୍ପର୍କିତ ସ୍ନାୟୁକୁ ପ୍ରତିକ୍ରିୟା ବାର୍ତ୍ତା ଦେଇଥାଏ। ତେଣୁ ମସ୍ତିଷ୍କର ନିର୍ଦ୍ଦେଶ ଅନୁସାରେ ଆଖି ଉକ୍ତ ବସ୍ତୁକୁ ଦେଖିବା ପାଇଁ ଚାହେଁନାହିଁ ବା ଦେଖିବା ପାଇଁ ଭୟ କରେ। ଯେ କୌଣସି ବୟସରେ ଏହି ରୋଗର ଲକ୍ଷଣ ଦେଖାଯାଏ। ତେଣୁ ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ମନୋଚିକିତ୍ସକଙ୍କ ସହ ପରାମର୍ଶ କରିବା ଉଚିତ। ପ୍ରଥମ ପର୍ଯ୍ୟାୟରେ କାଉନସେଲିଂ ଏବଂ କେତେକ ଥେରାପି ଦ୍ୱାରା ଟ୍ରାଇପୋଫୋବିଆର ଚିକିତ୍ସା ସମ୍ଭବ ହୋଇଥାଏ।

# ସ୍ଲିପ ପାରାଲିସିସ୍



ଏମିତି ଅନେକ ସ୍ୱାସ୍ଥ୍ୟ ସମସ୍ୟା ଅଛି, ଯାହାକୁ ଆମେ ସାଧାରଣ କିମ୍ବା ଛୋଟମୋଟ ସମସ୍ୟା ବୋଲି ଏଡ଼ାଇ ଦେଉ। କିନ୍ତୁ ଏହା ଭିତରେ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଲୁଚି ରହିଥାଏ, ଯାହାକୁ ପ୍ରାୟ କେହି ଜାଣିପାରନ୍ତି ନାହିଁ। ଏମିତି ଏକ ସମସ୍ୟା ହେଉଛି ସ୍ଲିପ ପାରାଲିସିସ ବା ନିଦ୍ରା ପକ୍ଷାଘାତ। ସ୍ଲିପ ପାରାଲିସିସ ଏମିତି ଏକ ସ୍ଥିତି, ଯେଉଁଥିରେ ବ୍ୟକ୍ତିକୁ ଲାଗେ ଯେ ନିଦରୁ ଉଠି ପଡ଼ିଛି। କିନ୍ତୁ ଶରୀରର କୌଣସି ଅଂଶକୁ ସେ ଚଳପ୍ରଚଳ କରିପାରେ ନାହିଁ। କିଛି କଥା ମଧ୍ୟ କହିହୁଏ ନାହିଁ। ଏଭଳି ସ୍ଥିତିରେ ଉକ୍ତ ବ୍ୟକ୍ତିର ଶରୀର ଜଣେ ପାରାଲିସିସ ବ୍ୟକ୍ତି ଭଳି ସ୍ଥାଣୁ ପାଲଟିଯାଏ। ସାଧାରଣ ଭାଷାରେ କହିବାକୁ ଗଲେ ମସ୍ତିଷ୍କ ସହିତ ଶରୀରର କୌଣସି କାର୍ଯ୍ୟକଳାପର ସମ୍ପର୍କ ରହେନାହିଁ। ଏହି ସ୍ଥିତି ଅତିକମରେ ମାତ୍ର ୧୦ରୁ ୧୫ ସେକେଣ୍ଡ ପର୍ଯ୍ୟନ୍ତ ରହେ। ତେଣୁ ଏହି ଶାରୀରିକ ସ୍ଥିତିକୁ ଡାକ୍ତରୀ ଭାଷାରେ ସ୍ଲିପ ପାରାଲିସିସ୍ ବୋଲି କୁହାଯାଉଛି। ଅନିଦ୍ରା, ଚିନ୍ତା, ଅବସାଦ, ଅଧିକ ସମୟ ଶୋଇବା, ଡ୍ରଗ୍ସ କିମ୍ବା ଆଲକୋହଲର ସେବନ ଏବଂ ବାଇପୋଲାର ଡିସଅର୍ଡ଼ର ଭଳି ମାନସିକ ରୋଗ ଯୋଗୁଁ ସ୍ଲିପ ପାରାଲିସି ହୋଇଥାଏ। ଏହାର ଲକ୍ଷଣ ଗୁଡ଼ିକ ହେଉଛି କଥା କହିବାରେ ଅସମର୍ଥତା, ଗଳା ଓ ଛାତି ଭାରୀ ଲାଗିବା, ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ଅସ୍ତବ୍ୟସ୍ତ ଲାଗିବା ଏବଂ ଶୋଇବା ସମୟରେ ଅଜାଣତରେ ହଠାତ୍ ଚେଇଁ ଉଠିବା ଇତ୍ୟାଦି। ତେଣୁ ପ୍ରଥମ ପର୍ଯ୍ୟାୟରେ ହିଁ ଏହି ରୋଗକୁ ଜାଣି, ଏହାର ଚିକିତ୍ସା କରାଇନେବା ଆବଶ୍ୟକ। ନଚେତ ଏହା ଭବିଷ୍ୟତରେ ଜଟିଳ ମାନସିକ ରୋଗରେ ପରିଣତ ହୁଏ। ୬ରୁ ୮ଘଣ୍ଟା ଗଭୀର ନିଦରେ ଶୋଇବା, ଶୋଇବା ପୂର୍ବରୁ ଟିଭି କିମ୍ବା ଲାପଟପ ବ୍ୟବହାର ନକରିବା, କିଛି ସମୟ ଯୋଗ ଓ ମେଡିଟେସନ କରିବା, ଅଧିକ ସମୟ ଚିତ ହୋଇ ଶୋଇବା ଆଦି କିଛି ଛୋଟ ଛୋଟ କଥା ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟା ଦୂର ହୋଇପାରିବ। ଏହା ସହିତ ମନୋଚିକିତ୍ସକଙ୍କ ସହିତ ପରାମର୍ଶ କରିବା ନିହାତି ଆବଶ୍ୟକ।

**ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ସାଂସଦ ବ୍ୟକ୍ତିଗତ ଉଦ୍ୟମରେ ଗୋହିପିଟାଠାରେ କରିବେ ଏକ ବିଦ୍ୟାଳୟ ସହିତ ଏକ ଡାକ୍ତରଖାନା

**ବୌଦ୍ଧ, (ପିଏନ)-** କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ବ୍ୟକ୍ତିଗତ ଉଦ୍ୟମରେ ଗୋହିପିଟା ଠାରେ ଏକ ବିଦ୍ୟାଳୟ ସହିତ ଏକ ଡାକ୍ତରଖାନା ପ୍ରତିଷ୍ଠା କରିବେ। ସାଂସଦ ଯୋଗୀନ୍ଦ୍ରପୁର ପଂଚାୟତ ଗୋହିପିଟା ଠାରେ ଏକ ବିଦ୍ୟାଳୟ ସହିତ ୨ ଶହ ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଭୂମି ପୂଜନ କରିଛନ୍ତି । ଗୋହିପିଟା ଠାରେ ବିଜୁ ଜନତା ଦଳର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବ୍ଲକ ବିଜେଡି ସଭାପତି ପ୍ରେମରାଜ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ଲୋକସଭା ସଦସ୍ୟ ଡାକ୍ତର ଅଚ୍ୟୁତ ସାମନ୍ତ, ମୁଖ୍ୟ ସମ୍ମାନିତ ଅତିଥିଭାବେ କଂଟାମାଳ ବିଧାୟକ ମହିଧର ରଣା, ଅନ୍ୟତମ ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବରିଷ୍ଠ ନେତା ଜାନି ସେନାପତି, ବୌଦ୍ଧ ବିଜେଡି ଉପସଭାପତି ସୁଧୀର କୁମାର ମହାକୁଡ଼, ସାଂସଦ ପ୍ରତିନିଧି ସମ୍ଭୁପ୍ରସାଦ ସାହୁ, ବରିଷ୍ଠ ନେତା ରମଣି ପ୍ରଧାନ, ବୌଦ୍ଧ ବ୍ଲକ ବିଜେଡି ସଭାପତି ବାଳ ମୁକୁନ୍ଦ ମେହେର, ଯୋନ ନଂ ୧ ଜିଲ୍ଲାପାରିଷଦ ସଭ୍ୟା ସୁମିତ୍ରା ସାହୁ ପ୍ରମୁଖ ମଂଚାସିନ ହୋଇ ବିଜୁ ଜନତା ଦଳର ନାମକରଣ ଠାରୁ ଆରମ୍ଭ କରି ଏହାର ପ୍ରତିଷ୍ଠା ଦିନ ଠାରୁ ଦଳ କିପରି ଓଡ଼ିଶାବାସୀଙ୍କ ପ୍ରିୟଭାଜନ ହୋଇପାରିଛି, ଭଲ ପାଇବା ପାଇ ପାରିଛି, ବର୍ଷକୁ ବର୍ଷ କିପରି ଅଧିକରୁ ଅଧିକ ଜନ ସମର୍ଥନ ହାସଲ କରିପାରିଛି, ବିଜୁ ବାବୁଙ୍କ ସ୍ୱପ୍ନ ସାକାର ପାଇଁ ପ୍ରତିବଦ୍ଧତା, ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତି, ବିଜେଡିର ଜନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷକରି ବିଜେଡି ଶାସନ ସମୟରେ ତଥା ମହିଧର ରଣା ବିଧାୟକ ହେବା ଦିନଠୁ କଂଟାମାଳ ନିର୍ବାଚନ ମଣ୍ଡଳୀରେ ରାସ୍ତାଘାଟର ଉନ୍ନତି, ଜଳସେଚନ ପାଇଁ ୪ ଟି ମେଗା ଜଳସେଚନ ପ୍ରକଳ୍ପ ସ୍ଥାପନ, ପିଇବା ପାଣି ପାଇଁ ପାଇପ ଯୋଗେ ବିଶୁଦ୍ଧ ଜଳ ଯୋଗାଣ ବ୍ୟବସ୍ଥା, ଗମନାଗମନ ପାଇଁ ତେଲନଦୀ ଉପରେ ୪ ଟି ସେତୁ ନିର୍ମାଣ ଚାଲୁଥିବା, ବାଉଁଶୁଣି-ବିରମହାରାଜପୁର ସଂଯୋଗ ପାଇଁ ମହାନଦୀ ଉପରେ ସେତୁ ନିର୍ମାଣ ଯୋଜନା ଆରମ୍ଭ, ବହୁତ ଗ୍ରାମ ମନ୍ଦିର ମରାମତି, କମ୍ୟୁନିଟି ସେଣ୍ଟର, କୁଞ୍ଜଘର ନିର୍ମାଣ, ଖେଳ ପଡିଆ ଉନ୍ନତିକରଣ ଇତ୍ୟାଦି ଅନେକ ବିକାଶମୂଳକ କାମ ପାଇଁ ବିଧାୟକ ପାଣ୍ଠି ଓ ଅନ୍ୟ ଯୋଜନାରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବିଧାୟକ ଶ୍ରୀ ରଣା ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଏ ଅଂଚଳର ଲୋକମାନଙ୍କୁ ଉତମ ଶିକ୍ଷା ଓ ସ୍ୱାସ୍ଥ୍ୟର ସେବା ପ୍ରଦାନ ପାଇଁ କନ୍ଧମାଳ ସାଂସଦ ଡାକ୍ତର ସାମନ୍ତ ନିଜ ବ୍ୟକ୍ତିଗତ ପ୍ରଚେଷ୍ଟା ତଥା ଉଦ୍ୟମରେ ଗୋହିପିଟା(ରଙ୍ଗପାଲି) ଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ ସକାଶେ ଏକ ବିଦ୍ୟାଳୟ ସ୍ଥାପନ ଏବଂ ଉତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୨ ଶହ ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ସାଂସଦ ଡାକ୍ତର ସାମନ୍ତ ଗତକାଲି ଭୂମି ପୂଜନ କରିଥିଲେ। ପ୍ରାୟ ୧ ଶହ ଏକର ପରିମିତ ସ୍ଥାନରେ ହେବାକୁ ଥିବା ଏହି ବିଦ୍ୟାଳୟ ଓ ଡାକ୍ତରଖାନା ଭୂମିପୂଜନ କରିଥିବାରୁ ଉପସ୍ଥିତ ସମସ୍ତ ବିଜେଡି ନେତା ସାଂସଦ ଡ. ସାମନ୍ତଙ୍କୁ ଭୁୟସୀ ପ୍ରଶଂସା କରିଥିଲେ। ଆମ ସାଂସଦ ହୋଇ ନ ଥିଲେ ଏପରି ବଡ଼ ପ୍ରକଳ୍ପ ବିନା ସରକାରୀ ସାହାଯ୍ୟରେ ଆମେ ପାଇ ପାରି ନ ଥାନ୍ତୁ ବୋଲି ଜିଲ୍ଲାପାରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବିଧାୟକ ଶ୍ରୀ ରଣା, ଜିଲ୍ଲା ବିଜେଡି ଉପସଭାପତି ସୁଧୀର ମହାକୁଡ଼, ବରିଷ୍ଠ ନେତା ଜାନି ସେନାପତି ପ୍ରମୁଖ କହିଥିଲେ। ସେହିପରି ଗୋହିପିଟାକୁ ମିଶାଇ ମନମୁଣ୍ଡାକୁ ଏକ ବିଜ୍ଞାପିତ ଅଂଚଳ ପରିଷଦ(ଏନ ଏ ସି) ଘୋଷଣା କରିବାକୁ ଚେଷ୍ଟା କରିବା ପାଇଁ ଜାନି ସେନାପତି ଦାବି ରଖିଥିଲେ।

ଏମାନଙ୍କ ବ୍ୟତୀତ କସୁରବନ୍ଧ ସରପଂଚ ସରୋଜ କୁମାର କର୍ଣ୍ଣ, ଶଗଡା ସମିତି ସଭ୍ୟ କୁନୁ ଦନ୍ତା, ବରିଷ୍ଠ ବିଜେଡି ନେତା ରବିନାରାୟଣ ପଣ୍ଡା, ତ୍ରିନାଥ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ରଣା, ଯୁବ ନେତା ସୁଧାଂଶୁ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ସଭାରେ ପ୍ରାୟ ୧୦ ହଜାର ଜନ ସମାଗମ ହୋଇଥିଲା। ଶେଷରେ ଯୁବ ଦକ୍ଷ ନେତା ରଞ୍ଜନ ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# କଲ୍ୟାଣ ସାହିତ୍ୟ ନଈର ନାଉରୀ- ପଣ୍ଡିତ୍ ମନୋରଞ୍ଜନ ନନ୍ଦ

ବିଚିତ୍ର ଏ ବିଶ୍ୱ, ସୃଷ୍ଟି ବିଚିତ୍ର, ସ୍ରଷ୍ଟା ବିଚିତ୍ର, ବିଚିତ୍ର ଏହି ସୁନ୍ଦର ପୃଥିବୀ। ବିଶ୍ୱ ନିୟନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ ସମସ୍ତେ କାଳର କରାଳ ଗତିରେ ବିଲୀନ। ପ୍ରକୃତିର ଅପୂର୍ବ ଶୋଭା, ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହମଣ୍ଡଳ। ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର। ସୁନ୍ଦର କମନୀୟ, ନମନୀୟ ପ୍ରାଣ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଈଶ୍ୱରଙ୍କ ପ୍ରଥମ ସୋପାନରେ ଆମ ମନୁଷ୍ୟ ସମାଜ। ମନୁଷ୍ୟର ପ୍ରକୃତି ଓ ଆକୃତି ପ୍ରତ୍ୟେକଙ୍କର ଭିନ୍ନ ଭିନ୍ନ। ସେହି ଭିନ୍ନ ଭିନ୍ନ ପରିମାପ କରିବାପାଇଁ ରହିଛି ଅନନ୍ତ ଆକାଶ। ମାପକାଠି ମଧ୍ୟରେ ଅନିତ୍ୟ, ଅସାର କ୍ଷଣ ଭଙ୍ଗୁର ମାୟା ମୋହ ସଂସାର ସାଗରକୁ ପାରିକରିବା ପାଇଁ ଜ୍ଞାନର ସାହିତ୍ୟ। ସେହି ସାହିତ୍ୟରେ ଥାଇଁ ଯିଏ ଶିକ୍ଷକତା, ସାମ୍ବାଦିକତା ଓ ଆଇନସେବା ଯୋଗାଇଥାନ୍ତି, ସେ ହେଉଛନ୍ତି ଦୂର ଦିଗ୍‌ବଳୟ ଆରପାରିର ଚନ୍ଦ୍ରମା ମନୋରଞ୍ଜନ ନନ୍ଦ। ତାଙ୍କର ସାହିତ୍ୟିକ ବ୍ୟବହାରରେ ଆଲୋକିତ ମହକିତ, ଉଲ୍ଲସିତ ଧରାପୃଷ୍ଠ। ବିଶିଷ୍ଟ ଶିକ୍ଷାବିତ୍ ଆଇନଜିବୀ, ସମାଜସେବି, ପ୍ରାବନ୍ଧିକ ୧୯୫୫ ମସିହା ନଭେମ୍ବର ମାସ ୨୨ ତାରିଖ ଦିନ ଢେଙ୍କାନାଳ ସହରର ଜୟଗୋପାଳ ସାହିରେ ପିତା ଉମେଶ



ଅକ୍ଷୟ କୁମାର ରାଉତ

ଚନ୍ଦ୍ର ନନ୍ଦ ଓ ମାତା ସୌଭାଗିନୀଙ୍କ କୋଳମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ ସାହିତ୍ୟିକ ମନୋରଞ୍ଜନ ନନ୍ଦ। ପିଲାବେଳୁ ସେ ଧୈର୍ଯ୍ୟ ଓ ସାହସର ପ୍ରତିକ ଥିଲେ। ସେ କେବଳ ଭାଙ୍ଗି ପଡୁନଥିଲେ ଦୁଃଖ ଓ ଯାତନାରେ। ସେ ବ୍ରଜନାଥ ବଡ଼ଜେନା ବିଦ୍ୟାଳୟରୁ ଶିକ୍ଷା ପ୍ରାପ୍ତ କରି ଲକ୍ଷ୍ମୀଧର ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କଲେ। ଢେଙ୍କାନାଳ ମହାବିଦ୍ୟାଳୟରୁ ବି.ଏ. ପାସ୍ କଲାପରେ କିଛିଦିନ ଶିକ୍ଷକତା କରିଥିଲେ। ପରେ ପରେ ସେ ଆଇନ୍ ପାଠପଢ଼ି ଆଇନ୍ ସେବା ଲୋକମାନଙ୍କୁ ଯୋଗାଇଦେଲେ। ସବୁବେଳେ ହସ ହସ ମୁହଁ। ପରକୁ ଆପଣାର କରିନେବାରେ କଳା ସର୍ବୋପରି ନିଃସ୍ୱାର୍ଥପର ଜନସେବା ଯୋଗୁ ସେ ସମାଜରେ ଏକ କେନ୍ଦ୍ରବିନ୍ଦୁ ପାଲଟିଥିଲେ। ସମାଜରେ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ନିଃସ୍ୱାର୍ଥପର ଭଲପାଇବା ଯୋଗୁ ମନୋରଞ୍ଜନ ନନ୍ଦଙ୍କ ଆବର୍ତ୍ତମାନ ଓଡିଶାର ସାହିତ୍ୟ ଜଗତ ଓ ଢେଙ୍କାନାଳ ବାସୀଙ୍କୁ କଷ୍ଟଦେଇଛି। ସେ ଦଶମ ଶ୍ରେଣୀରେ ପାଠ ପଢୁଥିବାବେଳେ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରି ଛାତ୍ର ଆନ୍ଦୋଳନରେ ଏକମାସ କାରାବରଣ କରିଥିଲେ। ସଂପ୍ରତି ସେ ସାମ୍ବାଦିକତା ଓ ଓକିଲାତି କରିବା ସହ ବିଭିନ୍ନ ଅନୁଷ୍ଠାନ ସହ ଯୋଡିହୋଇଯାଉଥିଲେ। ତାଙ୍କ ଦ୍ୱାରା ନିର୍ମିତ ଯୁବକ ସଂଘ, ବିଭିନ୍ନ ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲ ଗଠନ ଇତ୍ୟାଦିରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେ ଯୁବ ଲୋକକ ସଂଘଠନରେ ସକ୍ରିୟ ସଦସ୍ୟ ଥିଲେ। ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଭାବେ ଢେଙ୍କାନାଳ ଓ ଓଡିଶାର ବିଭିନ୍ନ ଅଂଚଳରେ ସାହିତ୍ୟର ଭାବଧାରାକୁ ଆଗେଇ ନେଇଥିଲେ। ସେ କୁନି କୁନି ପିଲାମାନଙ୍କୁ ଗଳ୍ପ ଏକାଙ୍କିକା ମାଧ୍ୟମରେ ସାହିତ୍ୟ ଓ ଦେଶସେବା ଭାବଧାରାକୁ ଆଣିବାକୁ ସର୍ବଦା ଚେଷ୍ଟାକରୁଥିଲେ। ସେ ନନ୍ଦିନୀ ଦେବୀ ସ୍ମୃତି କମିଟିର କର୍ଣ୍ଣଧାର ଥିଲେ। ବହୁ ସାହିତ୍ୟ ଅନୁଷ୍ଠାନ ଗଠନ କରିଥିଲେ।ସେ ଶିକ୍ଷକତା କରିବା ସମୟରେ ରେଣୁବାଳାଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇପୁଅ ଓ ଗୋଟିଏ ଝିଅ ହୋଇଥିଲା। ସେ ନିଜ ପିଲାଙ୍କୁ ଭଲମଣିଷ କରି ଗଢ଼ି ତୋଳିବା ସହିତ, ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ସମାଜର ବହୁ ଗରିବ ପିଲାମାନଙ୍କ ପାଠପଢ଼ା ନିମିତ ଉଦ୍ୟମ ଜାରିରଖିଥିଲେ। ଅନେକ ସଫଳତା ମଧ୍ୟରେ କେତେକ ବିଫଳତା ତାଙ୍କୁ ଖୁବ୍ ବ୍ୟଥିତ କରୁଥିଲେ ମଧ୍ୟ ସେ



ଲୋକମାନଙ୍କ ପ୍ରିୟଭାଜନ ହୋଇପାରିଥିଲେ। ସାହି ସାହି ମଧ୍ୟରେ ଭାଇଚାରା ଓ ଏକତା ବଜାୟ ରଖିବା ତାଙ୍କ ପାଇଁ ସମ୍ଭବ ହୋଇପାରିଥିଲେ। ପଣ୍ଡିତ ମନୋରଞ୍ଜନ ନନ୍ଦ ଜ୍ଞାନ ପ୍ରଦାନ କରିବାରେ ପଥପ୍ରଦର୍ଶକ ଥିଲେ। ଗୁରୁ ପଣ୍ଡିତ ଆଦର୍ଶବାଦରେ ମାଟିହୁଏ ସୁନା, ପୁଣି ପଥର ହୁଏ ହୀରା। ସାମ୍ବାଦିକତା କରିବା ସମୟରେ ସେ ବିଭାବନା ଓ ଏତଲା ନାମରେ ଦୁଇଟି ପତ୍ରିକା ପ୍ରକାଶନ କରୁଥିଲେ। ତାହାର ସେ ଥିଲେ ପ୍ରତିଷ୍ଠାତା ସମ୍ପାଦକ। ଶ୍ରୀ ନନ୍ଦ ଏକାଧାରରେ ଜଣେ ସୁସାହିତ୍ୟିକ, ସମାଲୋଚକ, ଗବେଷକ ଓ ସଂଗ୍ରାମୀ ପୁରୁଷ ଅଟନ୍ତି। ସେ ବହୁ ସାରସତ୍ୱ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ। ବହୁ ପତ୍ର ପତ୍ରିକାରେ ନିୟମିତ ଲେଖା ପ୍ରକାଶ ପାଇ ତାଙ୍କର କବିତା ସଂକଳନ 'ବରପୂର୍ବା' ଅନ୍ତଃସ୍ୱର ଓ ପ୍ରବନ୍ଧ ସଂକଳନ 'ଅନନ୍ୟ' 'ବାଳକୃଷ୍ଣ କର' 'ସାରସ୍ୱତ ସାଧନା' ପୁସ୍ତକ ପ୍ରକାଶ ପାଇଛି। ସେ ଜଣେ ବରିଷ୍ଠ ସଂଗଠନ ଭାବେ ଓଡିଶାର ବହୁ ଅନୁଷ୍ଠାନ ସହ ଜଡ଼ିତ। ତାଙ୍କର ରେଣୁବାଳା ପ୍ରକାଶନୀ ନାମରେ ଏକ ପ୍ରକାଶନ ସଂସ୍ଥା ଥିଲା।ଏହିଭଳି ଏକ ସମାଜସେବୀ, ଆଇନଜିବୀ ଶିକ୍ଷାବିତ୍ ଓ ସାହିତ୍ୟିଙ୍କର କର୍ମମୟ ଜୀବନର ଅବସାନ ଘଟିଲା। ସେହିଦିନଥିଲା। ଜାନୁୟାରୀ ମାସ ସୋମବାର ୯ ତାରିଖ ୨୦୨୩ ମସିହା। ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ। ତାଙ୍କୁ ସୁନାମର ସୁମନ, ସୁବାସ ମହକିତ କରୁଥିବା ଏ ମାଟିକୁ। ତାଙ୍କର ଅଭାବ ଢେଙ୍କାନାଳବାସୀ କେବେହେଲେ ଭୁଲିପାରିବେ ନାହିଁ। ପଣ୍ଡିତ ନନ୍ଦ ମହାଶୟ ସର୍ବଦା ଆମ ହୃଦୟରେ ବଂଚିରହିବେ।

# ହକି ବିଶ୍ୱକପ୍ ଟ୍ରଫି ଶୋଭାଯାତ୍ରା ବେଳେ ପ୍ରଶାସନିକ ଅଧିକାରୀ: ବିଜେଡ଼ି ନେତା ଠେଲାପେଲା

ରାଉରକେଲା,(ପି.ଏନ): ସୁନ୍ଦରଗଡ଼ ସହରରେ ଆଜି ହକି ବିଶ୍ୱକପ୍ ଟ୍ରଫି ଶୋଭାଯାତ୍ରା ବେଳେ ବିଜେଡ଼ି ନେତା ଓ କର୍ମୀଙ୍କୁ ସୁନ୍ଦରଗଡ଼ ପିଡି ଡିଆରଡିଏ ଗାଳିଗୁଲଜ କରିବା ସହ ହାତ ଧରି ଟାଣି ବାହାର କରିଦେବା ଓ ଘଟଣାସ୍ଥଳରେ ତୁମୁଳକାଣ୍ଡ ଘଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ସାର୍ଟ କଲର ଧରି ଟଣାଓଟରା କରାଯିବା ଘଟଣା ଜିଲ୍ଲାରେ ବିଶ୍ୱକପ୍ କୁ ନେଇ ଚାଲିଥିବା ଚର୍ଚ୍ଚା ଭିତରେ ଆଉ ଏକ ଫର୍ଦ ଯୋଡି ହୋଇଯାଇଛି । ଯାହାକି ଆଜି ଅଲୋଚନାର ବିଷୟ ହୋଇଛି । ଆଜି ହକି ବିଶ୍ୱକପ୍ ଟ୍ରଫି ଶୋଭାଯାତ୍ରା ରାଉରକେଲାରୁ ବାହାରି ଜିଲ୍ଲାର ବିଭିନ୍ନ ଅଂଚଳ ଦେଇ ମଧ୍ୟାହ୍ନରେ ସୁନ୍ଦରଗଡ଼ ସହରରେ ପହଂଚିଥିଲା । ଏହି ଶୋଭାଯାତ୍ରାକୁ ସୁନ୍ଦରଗଡ଼ରେ ବିପୁଳ ସ୍ୱାଗତ କରାଯାଇଥିବା ବେଳେ ବୟନିକା ଛକ ନିକଟରେ ବିଶ୍ୱକପ୍ ଟ୍ରଫି ରହିଥିବା ଟ୍ରକ୍ ଉପରେ ପୂର୍ବତନ କଂଗ୍ରେସ ନେତା ତଥା ବର୍ତ୍ତମାନର ଟାଣୁଆ ବିଜେଡ଼ି ନେତା ଯୋଗେଶ ସିଂ ଓ ପ୍ରଫୁଲ୍ଲ ମାଝି ସେମାନଙ୍କ ସମର୍ଥକଙ୍କ ସହ ଚଢିଯାଇ ବିଶ୍ୱକପ୍ ସମ୍ପର୍କିତ ସ୍ଲୋଗାନ୍ ଦେବା ଆରମ୍ଭ କରିଥିଲେ । ବିଶ୍ୱକପ୍ ସହ ସେଲଫି ମଧ୍ୟ ନେଉଥିଲେ । ଏତିକି ବେଳେ ସୁନ୍ଦରଗଡ଼ ପିଡି ଡିଆରଡିଏ ଏମାନେ କିଏ ବୋଲି ପାଟି କରିବା ସହ ଏମାନଙ୍କୁ ତୁରନ୍ତ ଏଠାରୁ ବାହାର କର ବୋଲି ଚିତ୍କାର କରିଥିଲେ । ଉଭୟ ନେତା ଶ୍ରୀ ସିଂ ଓ ଶ୍ରୀ ମାଝିଙ୍କ ହାତ ଧରି ପିଡି ଡିଆରଡିଏ ଟ୍ରକ୍ ରୁ ତଳକୁ ଓହ୍ଲାଇ ଦେଇଥିଲେ । ଏତିକିରେ ସେଠାକାର ପରିସ୍ଥିତି ଗରମାଗରମ ହେବା ସହ ଉଭୟ ନେତା ପିଡି ଡିଆରଡିଏଙ୍କୁ ପ୍ରଶ୍ନ କରିଥିଲେ ଯେ, ତୁମେ ଆମକୁ ଚିହ୍ନି ପାରୁନ କି ? ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ବଢିଥିଲା । ଶେଷରେ ବିଜେଡ଼ି କର୍ମୀ, ନେତା ଓ ପିଡି ଡିଆରଡିଏଙ୍କ ମଧ୍ୟରେ ଠେଲାପେଲା ଭଳି ସ୍ଥିତି ଉପୁଜିଥିଲା । ଏହାରି ଭିତରେ ଜିଲ୍ଲାପାଳ ସେଠାରେ ପହଂଚିବାରେ ତାଙ୍କର ସାର୍ଟ କଲର ଧରି ଟଣାଓଟରା କରାଯାଇଥିଲା । ଫଳରେ ପରିସ୍ଥିତି ଅଧିକ ଉତେଜନା ଆଡକୁ ଗତି କରିଥିଲା । ଏତିକି ବେଳେ ପୋଲିସ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଜିଲ୍ଲାପାଳଙ୍କ ସାର୍ଟ କଲର୍ ଧରିବା ଓ ପିଡି ଡିଆରଡିଏଙ୍କୁ ଠେଲାପେଲା କରିବା ଘଟଣାରେ ଦୁଇ ଜଣ ଯୁବକଙ୍କୁ ପଚରା ଉଚରା ଆରମ୍ଭ କରିଛି। ତେବେ ବିଶ୍ୱକପ୍ ରାଉରକେଲାରେ ହେବା ନେଇ ଷ୍ଟାଡ଼ିୟମ୍ ତିଆରି ହୋଇ ଖେଳ ଆରମ୍ଭ ହେବା ଓ ଚାଲିବା ଭିତରେ ରାଜ୍ୟ ଓ ଦେଶରେ ଅନେକ କଥା ଆଲୋଚନା ହୋଇ ହକି ବିଶ୍ୱକପ୍ ଇତିହାସରେ ଯୋଡି ହୋଇଥିବା ବେଳେ ଏହି ବିଶ୍ୱକପ୍ ଆୟୋଜନ ଓ ପ୍ରଶାସନିକ ସେବା ଦାୟୀତ୍ୱରେ ଥିବା ଦୁଇ ଅଧିକାରୀ ଆଜି ଯେଉଁଭଳି ସ୍ଥିତିରେ ସାମ୍ନା କଲେ ତାହା ଆଉ ଏକ ଫର୍ଦ ହୋଇ ହକି ବିଶ୍ୱକପ୍ ଇତିହାସରେ ଯୋଡି ହୋଇଗଲା।

# ଆଦାନୀଡିଏଭି ପବ୍ଲିକସ୍କୁଲରେ ବାର୍ଷିକ କ୍ରୀଡାଉତ୍ସବ

ଭଦ୍ରକ,(ପି.ଏନ): କୁଆଁମରାସ୍ଥିତ ଆଦାନୀଡିଏଭି ପବ୍ଲିକସ୍କୁଲ ରବାର୍ଷିକ ଉତ୍ସବପାଳିତ ହୋଇଯାଇଛି।ଏହି କ୍ରୀଡାଉତ୍ସବକୁ ବିଦ୍ୟାଳୟର ଅଧ୍ୟକ୍ଷା କୃଷ୍ଣପ୍ରିୟା ଷଡଙ୍ଗୀ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର କ୍ରୀଡାଶିକ୍ଷ କବି ଭୂତିଭୂଷଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷା ପୁରସ୍କୃତ କରିବା ସହ କ୍ରୀଡା ପ୍ରତି ଉତ୍ସାହିତ କରିଥିଲେ।ପ୍ରତିଯୋଗିତାରେ ଯମୁନା ହାଉସ୍‌ଚମ୍ପିଆନ୍ ଓ ମହାନଦୀ ହାଉସ୍ ରନର୍ସ ଅପ୍‌ହୋଇଥିଲେ।ଶିକ୍ଷକ ଅରୁଣ କୁମାର ଲେଙ୍କାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀବୃନ୍ଦ ଏହିକ୍ରୀଡା ପ୍ରତିଯୋଗିତା ପରିଚାଳନାକରିଥିଲେ।

# ସାଂସଦ ବ୍ୟକ୍ତିଗତ ଉଦ୍ୟମରେ ଗୋହିପିଟା ଠାରେ କରିବେ ଏକ ବିଦ୍ୟାଳୟ ସହିତ ଏକ ଡାକ୍ତରଖାନା

ବୌଦ୍ଧ, (ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ବ୍ୟକ୍ତିଗତ ଉଦ୍ୟମରେ ଗୋହିପିଟା ଠାରେ ଏକ ବିଦ୍ୟାଳୟ ସହିତ ଏକ ଡାକ୍ତରଖାନା ପ୍ରତିଷ୍ଠା କରିବେ। ସାଂସଦ ଯୋଗୀନ୍ଦ୍ରପୁର ପଂଚାୟତ ଗୋହିପିଟା ଠାରେ ଏକ ବିଦ୍ୟାଳୟ ସହିତ ୨ ଶହ ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଭୂମି ପୂଜନ କରିଛନ୍ତି । ଗୋହିପିଟା ଠାରେ ବିଜୁ ଜନତା ଦଳର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବ୍ଲକ ବିଜେଡି ସଭାପତି ପ୍ରେମରାଜ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ଲୋକସଭା ସଦସ୍ୟ ଡାକ୍ତର ଅଚ୍ୟୁତ ସାମନ୍ତ, ମୁଖ୍ୟ ସମ୍ମାନିତ ଅତିଥିଭାବେ କଂଟାମାଳ ବିଧାୟକ ମହିଧର ରଣା, ଅନ୍ୟତମ ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବରିଷ୍ଠ ନେତା ଜାନି ସେନାପତି, ବୌଦ୍ଧ ବିଜେଡି ଉପସଭାପତି ସୁଧୀର କୁମାର ମହାକୁଡ଼, ସାଂସଦ ପ୍ରତିନିଧି ସମ୍ଭୁପ୍ରସାଦ ସାହୁ, ବରିଷ୍ଠ ନେତା ରମଣି ପ୍ରଧାନ, ବୌଦ୍ଧ ବ୍ଲକ ବିଜେଡି ସଭାପତି ବାଳ ମୁକୁନ୍ଦ ମେହେର, ଯୋନ ନଂ ୧ ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ ପ୍ରମୁଖ ମଂଚାସିନ ହୋଇ ବିଜୁ ଜନତା ଦଳର ନାମକରଣ ଠାରୁ ଆରମ୍ଭ କରି ଏହାର ପ୍ରତିଷ୍ଠା ଦିନ ଠାରୁ ଦଳ କିପରି ଓଡ଼ିଶାବାସୀଙ୍କ ପ୍ରିୟଭାଜନ ହୋଇପାରିଛି, ଭଲ ପାଇବା ପାଇ ପାରିଛି, ବର୍ଷକୁ ବର୍ଷ କିପରି ଅଧିକରୁ ଅଧିକ ଜନ ସମର୍ଥନ ହାସଲ କରିପାରିଛି, ବିଜୁ ବାବୁଙ୍କ ସ୍ୱପ୍ନ ସାକାର ପାଇଁ ପ୍ରତିବଦ୍ଧତା, ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି, ବିଜେଡିର ଜନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷକରି ବିଜେଡି ଶାସନ ସମୟରେ ତଥା ମହିଧର ରଣା ବିଧାୟକ ହେବା ଦିନଠୁ କଂଟାମାଳ ନିର୍ବାଚନ ମଣ୍ଡଳୀରେ ରାସ୍ତାଘାଟର ଉନ୍ନତି, ଜଳସେଚନ ପାଇଁ ୪ ଟି ମେଗା ଜଳସେଚନ ପ୍ରକଳ୍ପ ସ୍ଥାପନ, ପିଇବା ପାଣି ପାଇଁ ପାଇପ ଯୋଗେ ବିଶୁଦ୍ଧ ଜଳ ଯୋଗାଣ ବ୍ୟବସ୍ଥା, ଗମନାଗମନ ପାଇଁ ତେଲନଦୀ ଉପରେ ୪ ଟି ସେତୁ ନିର୍ମାଣ ଚାଲୁଥିବା, ବାଉଁଶୁଣି-ବିରମହାରାଜପୁର ସଂଯୋଗ ପାଇଁ ମହାନଦୀ ଉପରେ ସେତୁ ନିର୍ମାଣ ଯୋଜନା ଆରମ୍ଭ, ବହୁତ ଗ୍ରାମ ମନ୍ଦିର ମରାମତି, କମ୍ୟୁନିଟି ସେଣ୍ଟର, କୁଞ୍ଜଘର ନିର୍ମାଣ, ଖେଳ ପଡିଆ ଉନ୍ନତିକରଣ ଇତ୍ୟାଦି ଅନେକ ବିକାଶମୂଳକ କାମ ପାଇଁ ବିଧାୟକ ପାଣ୍ଠି ଓ ଅନ୍ୟ ଯୋଜନାରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବିଧାୟକ ଶ୍ରୀ ରଣା ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଏ ଅଂଚଳର ଲୋକମାନଙ୍କୁ ଉତମ ଶିକ୍ଷା ଓ ସ୍ୱାସ୍ଥ୍ୟର ସେବା ପ୍ରଦାନ ପାଇଁ କନ୍ଧମାଳ ସାଂସଦ ଡାକ୍ତର ସାମନ୍ତ ନିଜ ବ୍ୟକ୍ତିଗତ ପ୍ରଚେଷ୍ଟା ତଥା ଉଦ୍ୟମରେ ଗୋହିପିଟା(ରଙ୍ଗପାଲି) ଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ ସକାଶେ ଏକ ବିଦ୍ୟାଳୟ ସ୍ଥାପନ ଏବଂ ଉତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୨ ଶହ ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ସାଂସଦ ଡାକ୍ତର ସାମନ୍ତ ଗତକାଲି ଭୂମି ପୂଜନ କରିଥିଲେ। ପ୍ରାୟ ୧ ଶହ ଏକର ପରିମିତ ସ୍ଥାନରେ ହେବାକୁ ଥିବା ଏହି ବିଦ୍ୟାଳୟ ଓ ଡାକ୍ତରଖାନା ଭୂମିପୂଜନ କରିଥିବାରୁ ଉପସ୍ଥିତ ସମସ୍ତ ବିଜେଡି ନେତା ସାଂସଦ ଡ. ସାମନ୍ତଙ୍କୁ ଭୁୟସୀ ପ୍ରଶଂସା କରିଥିଲେ। ଆମ ସାଂସଦ ହୋଇ ନ ଥିଲେ ଏପରି ବଡ଼ ପ୍ରକଳ୍ପ ବିନା ସରକାରୀ ସାହାଯ୍ୟରେ ଆମେ ପାଇ ପାରି ନ ଥାନ୍ତୁ ବୋଲି ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବିଧାୟକ ଶ୍ରୀ ରଣା, ଜିଲ୍ଲା ବିଜେଡି ଉପସଭାପତି ସୁଧୀର ମହାକୁଡ଼, ବରିଷ୍ଠ ନେତା ଜାନି ସେନାପତି ପ୍ରମୁଖ କହିଥିଲେ। ସେହିପରି ଗୋହିପିଟାକୁ ମିଶାଇ ମନମୁଣ୍ଡାକୁ ଏକ ବିଜ୍ଞାପିତ ଅଂଚଳ ପରିଷଦ(ଏନ ଏ ସି) ଘୋଷଣା କରିବାକୁ ଚେଷ୍ଟା କରିବା ପାଇଁ ଜାନି ସେନାପତି ଦାବି ରଖିଥିଲେ।ଏମାନଙ୍କ ବ୍ୟତୀତ କସୁରବନ୍ଧ ସରପଂଚ ସରୋଜ କୁମାର କର୍ଣ୍ଣ, ଶଗଡା ସମିତି ସଭ୍ୟ କୁନୁ ଦନ୍ତା, ବରିଷ୍ଠ ବିଜେଡି ନେତା ରବିନାରାୟଣ ପଣ୍ଡା, ତ୍ରିନାଥ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ରିଜିଓନାଲ ମହାବିଦ୍ୟାଳୟର +୩ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଯାଜପୁର:(ପି.ଏନ):ଯାଜପୁର ରାମବାଗ ସ୍ଥିତ ରିଜିଓନାଲ ମହାବିଦ୍ୟାଳୟ +୩ ପ୍ରଥମ କଳା ଓଡ଼ିଆ (ସମ୍ମାନ) ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ବିଜୟିନୀ ପାକିଜା ସାମଲ ପ୍ରଥମେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ସ୍ୱାଗତ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ରଂଜିତ ସିଂ ଓ ଅନ୍ୟତମ ଅତିଥିଭାବେ ଅଧ୍ୟାପିକା ବିଶ୍ୱମିତ୍ରା ଦାସ, ଅଧ୍ୟାପକ ଡଃ ଶଶଧର ଦାସ, ସୁଭେନ୍ଦୁ ମହାପାତ୍ର, ଗୌରାଙ୍ଗ ଚରଣ ବେହେରା, ଅନ୍ନପୂର୍ଣ୍ଣା ଦାସ, ବିଜୟ କୁମାର ଦାସ, କ୍ଷୀରଦ୍ଧି ତନୟା ସେଣ୍ଟ, ଅନିତା ପଣ୍ଡା, କୃଷ୍ଣପ୍ରିୟା ସାହୁ, ମୁକ୍ତିପ୍ରଭା ସାମଲ, ଶ୍ରଦ୍ଧାଞ୍ଜଳି ରାଉତ, ଅନିତା ପଣ୍ଡା, ଜୟସ୍ମିତା ଦାସ, ସ୍ମିତା ସାମଲ, ପ୍ରଶାନ୍ତ କୁମାର ସ୍ୱାଇଁ, ସତ୍ୟକାମ ମହାନ୍ତି, ଅଶୋକ ବେହେରା, ଶ୍ୟାମସୁନ୍ଦର ମିଶ୍ର, ବସନ୍ତ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସୁଲାବତୀଙ୍କ ମୃତ୍ୟୁ ନୁହେଁ, ହତ୍ୟା କରାଯାଇଛି : ଡ.ମୁକେଶ ମହାଲିଙ୍ଗ

ଭୁବନେଶ୍ୱର,(ପି.ଏନ): ରାୟଗଡା ଡାକ୍ତରଖାନାରେ ଗର୍ଭବତୀ ଥିବା ସୁଲାବତୀ ନାଏକଙ୍କ ମୃତ୍ୟୁ ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଏବଂ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି ବିଧାୟକ ଡ.ମୁକେଶ ମହାଲିଙ୍ଗ କହିଛନ୍ତି ।ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ.ମହାଲିଙ୍ଗ କହିଛନ୍ତି ଯେ, ଗତ ୧୧ ତାରିଖ ଦିନ ରାୟଗଡା ଜିଲ୍ଲା କାଶୀପୁର ଅଣ୍ଡରାକାଂଚ ଗ୍ରାମର ସୁଲାବତୀ ନାଏକଙ୍କ ଦୁଃଖଦାୟକ ମୃତ୍ୟୁ ଏବଂ ଏହାର ବାସ୍ତବତା ଜାଣିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏକ ପ୍ରତିନିଧି ଦଳ ଗତ କାଲି କାଶୀପୁର ଗସ୍ତ କରିଥିଲେ । ଏହି ଅବସରରେ ପ୍ରତିନିଧି ଦଳ ମୃତ ସୁଲାବତୀଙ୍କ ସ୍ୱାମୀ, ପରିବାର, ବନ୍ଧୁଜନ, ସ୍ଥାନୀୟ ପୋଲିସ, ମେଡିକାଲ୍ ଏବଂ ରାୟଗଡା ଜେଲକୁ ଯାଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉତ୍କଳ ଆଲୁମିନା କଂପାନୀ ପ୍ରତିଷ୍ଠା କାରଣରୁ ବିସ୍ଥାପିତ ସ୍ଥାନୀୟ ବାସିନ୍ଦାଙ୍କ ସହ ୯ ମାସର ଗର୍ଭବତୀ ଥିବା ସ୍ୱର୍ଗତଃ ସୁଲାବତୀ ମଧ୍ୟ ନିଜ ଭିଟାମାଟିକୁ ବଂଚାଇବା ଏବଂ ନ୍ୟାର୍ଯ୍ୟ ହକ୍ ପାଇଁ ଆନ୍ଦୋଳନ କରୁଥିଲେ । ଆନ୍ଦୋଳନକାରୀଙ୍କୁ ପୋଲିସ ପ୍ରଶାସନ ବଳପ୍ରୟୋଗ କରିବା ସହ ମାଡ ମାରି ଜୋରଜବରଦସ୍ତ ଥାନାକୁ ନେଇ ଯାଇଥିଲେ । ପୋଲିସ କର୍ତ୍ତୃପକ୍ଷ ନିଜ ଆଡୁ ମାମଲା ରୁଜୁ କରି ଆନ୍ଦୋଳନରତ ସ୍ୱର୍ଗତଃ ସୁଲାବତୀଙ୍କ ସମେତ ୧୪ ଜଣ ମହିଳାଙ୍କୁ ପୁରୁଷ ପୋଲିସ ଦ୍ୱାରା ଜୋରଜବରଦସ୍ତ ଉଠାଇ ନିଆଯାଇଥିଲା ବୋଲି ଥାନାର ମହିଳା ଆଇଆଇସିଙ୍କ ଆଲୋଚନାବେଳେ ପ୍ରତିନିଧି ଦଳ ଜାଣିବାକୁ ପାଇଥିଲା । ଗର୍ଭବତୀ ସୁଲାବତୀଙ୍କ ଉପରେ ଧାରା ୩୦୭ ଦଫା ଲଗାଇ ଗିରଫ କରାଯିବା ପରେ ରାତି ୧.୩୦ ସମୟରେ ରାୟଗଡା ଉପ କାରାଗାରକୁ ପଠାଇ ଦିଆଯାଇଥିଲା । ଗର୍ଭବତୀ ଥିବା ସମୟରେ ସୁଲାବତିଙ୍କୁ ସ୍ୱତନ୍ତ୍ର କୋଠରୀରେ ନରଖି ୧୪-୧୫ ଜଣ ଥିବା କୋଠରୀରେ ରଖାଗଲା । ଏପରିକି ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଇନଥିଲା । ପୋଲିସର ମାଡ ଖାଇଥିବା ଗର୍ଭବତୀ ସୁଲାବତୀର ସ୍ୱାସ୍ଥ୍ୟ ଦିନକୁ ଦିନ ଖରାପ ହେବାରେ ଲାଗିଥିଲା । ମାତ୍ର ଜେଲ୍ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନଥିଲେ । ଗତ ଜାନୁଆରୀ ୧୦ ତାରିଖ ଦିନ ଜାମିନରେ ଆସିବା ପରେ ସୁଲାବତୀ ସେହି ଦିନ ରାତି ୧୦.୩୦ରେ ଡାକ୍ତରଖାନାରେ ଶିଶୁ ପୁତ୍ର ଜନ୍ମ ଦେଇଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଅଛି ବୋଲି କହି ୧୧ତାରିଖ ଦିନ ସୁଲାବତୀଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଗଲା ଏବଂ ସେଠାରେ ଡାକ୍ତର ସୁଲାବତୀଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ସୁଲାବତୀ ଗର୍ଭବତୀ ଥିବା ସଂପର୍କରେ ଗିରଫ କରିଥିବା ପୋଲିସ, ଡାକ୍ତରୀ ମାଇନା କରିଥିବା ଡାକ୍ତର ଏବଂ ମାଜିଷ୍ଟ୍ରେଟ ଜାଣିନଥିବା ଅନୁସନ୍ଧାନ ସମୟରେ ପ୍ରକାଶ କରିଛନ୍ତି, ଯାହାକି ସବୁଠୁ ଆଶ୍ଚର୍ଯ୍ୟର ବିଷୟ ବୋଲି ଡ.ମହାଲିଙ୍ଗ କହିଛନ୍ତି । ଜଣେ ଅନୁସୂଚିତ ଜାତିର ଗର୍ଭବତୀ ମହିଳାଙ୍କୁ ମାଡମାରି ଏବଂ ଜେଲରେ ଅମାନବୀୟ ବ୍ୟବହାର କରି ଯେଉଁ ଭଳି ଭାବେ ସୁଲାବତୀଙ୍କୁ ଅତ୍ୟାଚାର କରାଗଲା, ତାହା ମୃତ୍ୟୁ ନୁହେଁ ବରଂ ହତ୍ୟା ଅଟେ । ଏଭଳି ଅମାନବୀୟ ଘଟଣାରେ ସଂପୃକ୍ତ ଥିବା ସମସ୍ତ ଅଧିକାରିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ନ୍ୟାୟିକ ତଦନ୍ତ ପାଇଁ ଡ.ମହାଲିଙ୍ଗ ଦାବୀ କରିଛନ୍ତି । ଏହାସହ ମୃତ ସୁଲାବତୀଙ୍କ ପରିବାରକୁ ରାଜ୍ୟ ସରକାର ୩୦ ଲକ୍ଷ ଟଙ୍କାର କ୍ଷତିପୁରଣ ରାଶି ପ୍ରଦାନ କରିବାକୁ ଡ.ମହାଲିଙ୍ଗ ଦାବୀ କରିଛନ୍ତି । ଏହି ଘଟଣାରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ ନକଲେ, ଆଗାମୀ ଦିନରେ ବିଜେପି ତରଫରୁ ଜୋରଦାର ଆନ୍ଦୋଳନ କରାଯିବ । ଏଥି ସହ ବିଧାନସଭା, ରାଷ୍ଟ୍ରୀୟ ମାନବାଧିକାର କମିଶନ, ରାଷ୍ଟ୍ରୀୟ ମହିଳା କମିଶନ, ରାଷ୍ଟ୍ରୀୟ ଅନୁସୁଚିତ ଜାତି କମିଶନଙ୍କୁ ଅବଗତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରାଯିବ ବୋଲି ଡ.ମହାଲିଙ୍ଗ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ ଏବ ସହମୁଖ୍ୟ ସୁଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।






Bhubaneswar Thursday January 19, 2023 ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବ୍ରହ୍ମଗିରିରେ ପଂଚୁପାଣ୍ଡବ ଐତିହ୍ୟ କରିଡ଼ର ପାଇଁ ଦାବି ହେଲା ଜୋରଦାର

ପୁରୀ, (ପିଏନ)- ବ୍ରହ୍ମଗିରିରେ ପଂଚୁପାଣ୍ଡବ ଐତିହ୍ୟ କରିଡ଼ର ପାଇଁ ଦାବି ହେଲା ଜୋରଦାର। ଏନେଇ ଭୀମେଶ୍ୱର ମନ୍ଦିର ପରିସରରେ ସ୍ଥାନୀୟ ଅଧିବାସୀ ଏକତ୍ରିତ ହୋଇଛନ୍ତି। ପଂଚୁପାଣ୍ଡବ ଐତିହ୍ୟ କରିଡ଼ର ଘୋଷଣା ଏବଂ ତୁରନ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ପାଇଁ ଲୋକେ ପ୍ରସ୍ତାବ ଦେଇଛନ୍ତି। ବ୍ରହ୍ମଗିରିର ଗର୍ବ ଓ ଗୌରବର ପ୍ରତୀକ ପଂଚୁପାଣ୍ଡବ ମନ୍ଦିର ଓଡ଼ିଶାର ଅନନ୍ୟ ଐତିହ୍ୟ କୀର୍ତିରାଜି। ମାତ୍ର ଏହି କୀର୍ତିରାଜି ଓ ପ୍ରମୁଖ ପବିତ୍ର ପୀଠ ଗୁଡିକର ରକ୍ଷଣାବେକ୍ଷଣ, ସୁରକ୍ଷା ଓ ସଂରକ୍ଷଣ ପାଇଁ ଆବଶ୍ୟକୀୟ ସରକାରୀ ଉଦ୍ୟମ ହେଉ ନଥିବାରୁ ଏହି ସାଂସ୍କୃତିକ ଓ ଧାର୍ମିକ ସ୍ଥଳୀ ଗୁଡ଼ିକ ଧିରେ ଧିରେ ଧ୍ୱଂସାଭିମୁଖୀ ହେବାକୁ ବସିଲାଣି। ତେଣୁ ପ୍ରତିଟି ପଂଚୁପାଣ୍ଡବ ମୂଳ ମନ୍ଦିରର ନିର୍ମାଣ, ପୁନଃ ମରାମତି, ରୋଷଶାଳା, ପାଚେରୀ, ପୁଷ୍ପ ଉଦ୍ୟାନ, ପ୍ରାର୍ଥନା ଗୃହ, ଭକ୍ତ ନିବାସ, ଆବଶ୍ୟକ ଜଳ ଓ ପରିମଳ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। କରିଡ଼ର ଅଂଚଳକୁ ଯୋଡ଼ିବା ପାଇଁ ଚଉଡ଼ା ରାସ୍ତା ନିର୍ମାଣ, ସବୁ ପୀଠର ସୌନ୍ଦର୍ଯ୍ୟକରଣ ଆଦି ସମନ୍ୱିତ ବିକାଶ ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି ଏହାକୁ ପଂଚୁପାଣ୍ଡବ ଐତିହ୍ୟ କରିଡ଼ର ରୂପେ ଘୋଷଣା କରିବାକୁ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଦୃଢ଼ ଦାବି କରାଯାଇଛି। ଏହା ଫଳରେ କେବଳ ବ୍ରହ୍ମଗିରି ଅଂଚଳର ନୁହେଁ ସମଗ୍ର ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ପ୍ରତି ସମ୍ମାନ ପ୍ରଦର୍ଶନ ହେଲା ବୋଲି ବୁଝିବାକୁ ହେବ। ନଚେତ୍ ଆଗାମୀ ଦିନରେ ସମଗ୍ର ବ୍ରହ୍ମଗିରି ଅଂଚଳରେ ବ୍ୟାପକ ଜନ ଅସନ୍ତୋଷ ବଢ଼ିବ ଓ ପ୍ରବଳ ପ୍ରତିବାଦ କରାଯିବ ବୋଲି ଆଜି ଚାପମାଣିକ ଗ୍ରାମ ପଂଚାୟତର ପ୍ରସିଦ୍ଧ ପାଣ୍ଡବ ପୀଠ ଭୀମେଶ୍ୱର ମନ୍ଦିର ପରିସରରେ ଆୟୋଜିତ ସାଧାରଣ ସଭାରେ ମତ ପ୍ରକାଶ ପାଇଛି।

ଏହି ସଭାରେ ବିଶିଷ୍ଟ ସମାଜସେବୀ ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ ଯେ, ପାଣ୍ଡବ ଐତିହ୍ୟ କରିଡ଼ର ହେଲେ ସମସ୍ତ ପଂଚୁପାଣ୍ଡବ ମନ୍ଦିର ସୁରକ୍ଷିତ ରହିବା ସହିତ ଆମ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ଜାଣିବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଏପରିକି ବିଦେଶୀ ପର୍ଯ୍ୟଟକ ଏଠାକୁ ଆସି ପାରନ୍ତେ। ଏହାଦ୍ୱାରା ସ୍ଥାନୀୟ ବେକାର ଯୁବକଯୁବତୀଙ୍କୁ ବ୍ୟାପକ କର୍ମ ନିଯୁକ୍ତି ମିଳିପାରିବ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିକଟରେ ବିଧିବଦ୍ଧ ପ୍ରସ୍ତାବ ରଖିବାକୁ ସେ ମତାମତ ରଖିଥିଲେ। ଏହି ସଭାରେ ବ୍ରହ୍ମଗିରି ଅଂଚଳର ଅନ୍ୟାନ୍ୟ ମୁଖ୍ୟ ସମସ୍ୟା ଯଥା ପାନୀୟ ଜଳ, ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ଭିତିଭୂମି ବିକାଶ ଓ ପର୍ଯ୍ୟଟନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ବିରାଟଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍




ହାଇଦ୍ରାବାଦ: ଟିମ ଇଣ୍ଡିଆର ଯୁବ ବ୍ୟାଟର ଶୁବମନ ଗିଲ୍ ଆଜି ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଦମଦାର ବ୍ୟାଟିଂ କରିଛନ୍ତି। ସେ ଲକି ଫର୍ଗୁସନଙ୍କୁ କ୍ରମାଗତ ୩ଟି ଛକା ମାରି ବେଶ ରୋମାଞ୍ଚକର ଢଙ୍ଗରେ ନିଜ ଦିନିକିଆ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିବାର ରେକର୍ଡ ହାସଲ କରିଛନ୍ତି। ସେ ଏହି ମ୍ୟାଚ୍‌ରେ ମୋଟ ୧୪୮ଟି ବଲ ଖେଳି ୨୦୮ ରନର କରିଛନ୍ତି। ଏହି ଦମଦାର ଇନିଂସ ପରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି ଗିଲ୍।

ସେ ଆଜି ତାଙ୍କ ଦିନିକିଆ କ୍ୟାରିୟରରେ ୧ ହଜାର ରନ ପୂରଣ କରିବାକୁ ସକ୍ଷମ ହୋଇଛନ୍ତି। ମାତ୍ର ୧୯ଟି ଇନିଂସରେ ହଜାରେ ରନର ମାର୍କ ଅତିକ୍ରମ କରିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏତେ କମ ଇନିଂସରେ ଏପରି କୀର୍ତ୍ତିମାନ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି।

ଏହାପୂର୍ବରୁ ଏହି ରେକର୍ଡ ବିରାଟ କୋହଲି ଓ ଶିଖର ଧୱନଙ୍କ ନାଁରେ ଥିଲା। ଉଭୟ ୨୪ଟି ଲେଖାଏ ଇନିଂସ ଖେଳି ଦିନିକିଆରେ ୧ ହଜାର ରନ ପୂରଣ କରିଥିଲେ। ହେଲେ ଏମାନଙ୍କ ଠାରୁ କମ ଇନିଂସ ଖେଳି ଗିଲ୍ ? ହଜାରେ ରନ କ୍ଲବରେ ନିଜକୁ ସାମିଲ କରିଛନ୍ତି।

ମ୍ୟାଚ୍‌ର ୩୩ ତମ ଓଭରରେ ଗିଲ୍ ବ୍ଲେୟାର ଟିକନେରଙ୍କୁ ଚୌକା ମାରିବା କ୍ଷଣି ଏହି ରେକର୍ଡର ଅଧିକାରୀ ହୋଇଥିଲେ। ବିଶ୍ୱରେ ସବୁଠାରୁ କମ ଇନିଂସରେ ହଜାରେ ରନ ପୂରଣ କରିବା ତାଲିକାରେ ଗିଲ୍ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ଓ ପାକିସ୍ତାନର ଇମାମ ଉଲ ହକ ମିଳିତ ଭାବେ ୧୯ଟି ଇନିଂସ ଖେଳି ଦିନିକିଆରେ ୧ ହଜାର ରନ କରିଥିଲେ। ତାଲିକାର ୧ନଂ ସ୍ଥାନରେ ପାକିସ୍ତାନର ଅନ୍ୟତମ ଖେଳାଳି ଫଖର ଜମାନ ଅଛନ୍ତି। ସେ ୧୮ଟି ଇନିଂସ ଖେଳି ଦିନିକିଆରେ ୧ ହଜାର ରନ ପୂରଣ କରିଥିଲେ।

ଅନ୍ୟପକ୍ଷରେ ଗିଲ୍ ଦିନିକିଆ କ୍ରିକେଟରେ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ସେ ୫ମ ଭାରତୀୟ ଭାବେ ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ଦୁଇ ଶତକ ହାସଲ କରିଛନ୍ତି। ଗିଲ୍ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଦୁଇ ଶତକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଗିଲ୍ ୨୩ ବର୍ଷ ୧୩୨ ଦିନ ବୟସରେ ଡବଲ ଟନ ମାରିଛନ୍ତି। ଏହାପୂର୍ବରୁ ଏହି ରେକର୍ଡ ଈଶାନ କିଶନଙ୍କ ନାଁରେ ଥିଲା। ସେ ୨୪ ବର୍ଷ ୧୪୫ ଦିନରେ ଦୁଇ ଶତକ ହାସଲ କରିଥିଲେ। ଡିସେମ୍ବର ୧୦ ବାଂଲାଦେଶ ବିପକ୍ଷ ଦିନିକିଆରେ ଈଶାନ ୨୧୦ ରନର ଇନିଂସ ଖେଳିଥିଲେ।

ଶୁବମନ ଗିଲ ଆଜି ଛକା ମାରି ୧୪୫ ବଲରେ ନିଜର ପ୍ରଥମ ଦୁଇ ଶତକ ହାସଲ କରିଛନ୍ତି। ସଚ୍ଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହୱାଗ, ରୋହିତ ଶର୍ମା ଓ ଈଶାନ କିଶନଙ୍କ ପରେ ୫ମ ଭାରତୀୟ ଭାବେ ସେ ଡବଲ ଟନ୍ ହାସଲ କରିଛନ୍ତି। ତାଙ୍କର ଏହି ଦମଦାର ବ୍ୟାଟିଂ ଯୋଗୁ ଟିମ ଇଣ୍ଡିଆ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୯ ରନ କରିଛି। ଫଳରେ ପ୍ରଥମ ଦିନିକିଆକୁ ଜିତିବା ପାଇଁ ନ୍ୟୁଜିଲ୍ୟାଣ୍ଡକୁ ୩୫୦ ରନର ଟାର୍ଗେଟ ମିଳିଛି।

# କାଠଗଡାରେ କୁସ୍ତି ମହାସଂଘର ସଭାପତି

## ଯୌନ ନିର୍ଯାତନାର ଅଭିଯୋଗ ଆଣିଲେ ଭିନେଶ



**ନୂଆଦିଲ୍ଲୀ:** ରେସଲିଂ ବା କୁସ୍ତି ଜଗତରେ ହଇଚ଼ଇ ସୃଷ୍ଟି ହୋଇଛି। ଭାରତୀୟ କୁସ୍ତି ମହାସଂଘର ସଭାପତି ତଥା ବିଜେପି ସାଂସଦ ବ୍ରିଜ ଭୂଷଣ ଶାରନ ସିଂହଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ଦେଶର ଦୁଇ ଷ୍ଟାର ରେସଲର। ଭାରତ ପାଇଁ ଏକାଧିକ ପଦକ ଜିତିଥିବା ରେସଲର ଭିନେଶ ଫୋଗଟ୍ ଯୌନ ନିତର୍ଯାତନାର ଅଭିଯୋଗ ଆଣିଥିବା ବେଳେ ବଜରଙ୍ଗ ପୁନିଆ ମାଡ ମାରିବା ଅଭିଯୋଗ କରିଛନ୍ତି।

ଭିନେଶ୍ ଫୋଗଟଙ୍କ ଅଭିଯୋଗ ଅନୁଯାୟୀ, ବ୍ରିଜ ଭୂଷଣ ମହିଳା ରେସଲରମାନଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି। ଏଥିସହ ଅନେକ କୁସ୍ତିଯୋଦ୍ଧାଙ୍କୁ ସେ ମାନସିକ ନିର୍ଯାତନା ଦେଇଥିବା ମଧ୍ୟ ସେ କହିଛନ୍ତି। ବ୍ରିଜ ଭୂଷଣଙ୍କ ବିରୋଧରେ ଦେଶର ଷ୍ଟାର ରେସଲରମାନେ ଦିଲ୍ଲୀର ଯନ୍ତରମନ୍ତରେ ମଧ୍ୟ ବିକ୍ଷୋଭ ଆରମ୍ଭ କରିଛନ୍ତି। ଏହି ସମୟରେ ଭିନେଶ ଏପରି ସାଂଘାତିକ ଅଭିଯୋଗ କରିଛନ୍ତି।

ଭିନେଶ ଆହୁରି କହିଛନ୍ତି ଯେ ବ୍ରିଜ ଭୂଷଣ ଏକଦା ଏମିତି ମାନସିକ ନିର୍ଯାତନା ଦେଇଥିଲେ ଯେ ଆତ୍ମହତ୍ୟା କରିବାକୁ ମଧ୍ୟ ଚିନ୍ତା କରିଥିଲେ। ଏସିଆନ ଗେମ୍ସ ଓ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଦେଶ ପାଇଁ ସ୍ୱର୍ଣ୍ଣ ପଦ ଜିତିଥିବା ଭିନେଶ ପୂର୍ବରୁ ଯୌନ ନିର୍ଯାତନା ଅଭିଯୋଗ ଆଣିବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କ ମୁହଁକୁ ବନ୍ଦ କରି ଦିଆଯାଇଥିଲା ବୋଲି ସେ ଆଜି କହିଛନ୍ତି।

ସେ କହିଛନ୍ତି, "ମୁଁ ଏହା ବିରୋଧରେ ମୁହଁ ଖୋଲିଛି। ବ୍ରିଜ ଭୂଷଣ ମହିଳା ରେସଲରମାନଙ୍କୁ ଯୌନ ନିର୍ଯାତନା ଦେଇଥିଲେ। କେହି ବି କୁସ୍ତି ମହାସଂଘର ସଭାପତି ମୋତେ ୟୁସଲେସ କହିଛନ୍ତି। ମୁଁ ଏକଦା ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲି। ବ୍ରିଜ ଭୂଷଣଙ୍କ ବିରୋଧରେ ଅଭିଯୋଗ କରିବାରୁ ମୋତେ ହତ୍ୟା ଧମକ ମିଳିଥିଲା। ପ୍ରଧାନମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ମୋ ସହ ଅନେକ କିଛି ଘଟିଛି।"ଆଜି ସେ ପାଇଥିବା ନିର୍ଯାତନା ସମ୍ପର୍କରେ କହିବା ବେଳେ କାନ୍ଦି ମଧ୍ୟ ପକାଇଥିଲେ। ମୋଟ ୩୧ ଜଣ ରେସଲର ଭାରତୀୟ କୁସ୍ତି ମହାସଂଘ ବିରୋଧରେ ବିକ୍ଷୋଭ ଆରମ୍ଭ କରିଛନ୍ତି। ଏମାନଙ୍କ ମଧ୍ୟରେ ଅଲିମ୍ପିକ୍ସରେ ପଦକ ଜିତିଥିବା ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆ ମଧ୍ୟ ରହିଛନ୍ତି।

ସେମାନେ କୁସ୍ତି ମହାସଂଘରେ ପରିବର୍ତ୍ତନ ଦାବି କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ପୋର୍ଟସ ଅଥୋରିଟି ଅଫ ଇଣ୍ଡିଆ ସଂଘର ସଭାପତି ବ୍ରିଜ ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି।

ବ୍ରିଜ ଭୂଷଣ ହେଉଛନ୍ତି ବିଜେପିର କେସରଗଞ୍ଜ ସାଂସଦ। ସେ ପ୍ରାୟ ୧୦ ବର୍ଷ ହେଲା ଏହି ପଦରେ ଅଛନ୍ତି। ୨୦୧୯ରେ ସେ ନିର୍ଦ୍ୱନ୍ଦ୍ୱରେ ୩ ବର୍ଷ ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଏହାପୂର୍ବରୁ ଟୋକିଓରେ ପଦକ ଜିତିଥିବା ବଜରଙ୍ଗ ପୁନିଆ କହିଥିଲେ ଯେ ବ୍ରିଜ ଭୂଷଣ ରେସଲରମାନଙ୍କୁ ଚାପୁଡା ମାରିବା ସହ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ।

# ସୁଲାବତୀଙ୍କ ମୃତ୍ୟୁ ନୁହେଁ, ହତ୍ୟା କରାଯାଇଛି : ଡ.ମୁକେଶ ମହାଲିଙ୍ଗ

ଭୁବନେଶ୍ୱର,(ପିଏନ)- ରାୟଗଡା ଡାକ୍ତରଖାନାରେ ଗର୍ଭବତୀ ଥିବା ସୁଲାବତୀ ନାଏକଙ୍କ ମୃତ୍ୟୁ ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଏବଂ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି ବିଧାୟକ ଡ.ମୁକେଶ ମହାଲିଙ୍ଗ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ.ମହାଲିଙ୍ଗ କହିଛନ୍ତି ଯେ, ଗତ ୧୧ ତାରିଖ ଦିନ ରାୟଗଡା ଜିଲ୍ଲା କାଶୀପୁର ଅଣ୍ଡରାକାଂଚ ଗ୍ରାମର ସୁଲାବତୀ ନାଏକଙ୍କ ଦୁଃଖଦାୟକ ମୃତ୍ୟୁ ଏବଂ ଏହାର ବାସ୍ତବତା ଜାଣିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏକ ପ୍ରତିନିଧି ଦଳ ଗତ କାଲି କାଶୀପୁର ଗସ୍ତ କରିଥିଲେ। ଏହି ଅବସରରେ ପ୍ରତିନିଧି ଦଳ ମୃତ ସୁଲାବତୀଙ୍କ ସ୍ୱାମୀ, ପରିବାର, ବନ୍ଧୁଜନ, ସ୍ଥାନୀୟ ପୋଲିସ, ମେଡିକାଲ୍ ଏବଂ ରାୟଗଡା ଜେଲକୁ ଯାଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉତ୍କଳ ଆଲୁମିନା କଂପାନୀ ପ୍ରତିଷ୍ଠା କାରଣରୁ ବିସ୍ଥାପିତ ସ୍ଥାନୀୟ ବାସିନ୍ଦାଙ୍କ ସହ ୯ ମାସର ଗର୍ଭବତୀ ଥିବା ସ୍ୱର୍ଗତଃ ସୁଲାବତୀ ମଧ୍ୟ ନିଜ ଭିଟାମାଟିକୁ ବଂଚାଇବା ଏବଂ ନ୍ୟାର୍ଯ୍ୟ ହକ୍ ପାଇଁ ଆନ୍ଦୋଳନ କରୁଥିଲେ । ଆନ୍ଦୋଳନକାରୀଙ୍କୁ ପୋଲିସ ପ୍ରଶାସନ ବଳପ୍ରୟୋଗ କରିବା ସହ ମାଡ ମାରି ଜୋରଜବରଦସ୍ତ ଥାନାକୁ ନେଇ ଯାଇଥିଲେ । ପୋଲିସ କର୍ତ୍ତୃପକ୍ଷ ନିଜ ଆଡୁ ମାମଲା ରୁଜୁ କରି ଆନ୍ଦୋଳନରତ ସ୍ୱର୍ଗତଃ ସୁଲାବତୀଙ୍କ ସମେତ ୧୪ ଜଣ ମହିଳାଙ୍କୁ ପୁରୁଷ ପୋଲିସ ଦ୍ୱାରା ଜୋରଜବରଦସ୍ତ ଉଠାଇ ନିଆଯାଇଥିଲା ବୋଲି ଥାନାର ମହିଳା ଆଇଆଇସିଙ୍କ ଆଲୋଚନାବେଳେ ପ୍ରତିନିଧି ଦଳ ଜାଣିବାକୁ ପାଇଥିଲା । ଗର୍ଭବତୀ ସୁଲାବତୀଙ୍କ ଉପରେ ଧାରା ୩୦୭ ଦଫା ଲଗାଇ ଗିରଫ କରାଯିବା ପରେ ରାତି ୧.୩୦ ସମୟରେ ରାୟଗଡା ଉପ କାରାଗାରକୁ ପଠାଇ ଦିଆଯାଇଥିଲା । ଗର୍ଭବତୀ ଥିବା ସମୟରେ ସୁଲାବତିଙ୍କୁ ସ୍ୱତନ୍ତ୍ର କୋଠରୀରେ ନରଖି ୧୪-୧୫ ଜଣ ଥିବା କୋଠରୀରେ ରଖାଗଲା। ଏପରିକି ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଇନଥିଲା । ପୋଲିସର ମାଡ ଖାଇଥିବା ଗର୍ଭବତୀ ସୁଲାବତୀର ସ୍ୱାସ୍ଥ୍ୟ ଦିନକୁ ଦିନ ଖରାପ ହେବାରେ ଲାଗିଥିଲା । ମାତ୍ର ଜେଲ୍ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନଥିଲେ । ଗତ ଜାନୁଆରୀ ୧୦ ତାରିଖ ଦିନ ଜାମିନରେ ଆସିବା ପରେ ସୁଲାବତୀ ସେହି ଦିନ ରାତି ୧୦.୩୦ରେ ଡାକ୍ତରଖାନାରେ ଶିଶୁ ପୁତ୍ର ଜନ୍ମ ଦେଇଥିଲେ । ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଅଛି ବୋଲି କହି ୧୧ତାରିଖ ଦିନ ସୁଲାବତୀଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଗଲା ଏବଂ ସେଠାରେ ଡାକ୍ତର ସୁଲାବତୀଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ସୁଲାବତୀ ଗର୍ଭବତୀ ଥିବା ସଂପର୍କରେ ଗିରଫ କରିଥିବା ପୋଲିସ, ଡାକ୍ତରୀ ମାଇନା କରିଥିବା ଡାକ୍ତର ଏବଂ ମାଜିଷ୍ଟ୍ରେଟ ଜାଣିନଥିବା ଅନୁସନ୍ଧାନ ସମୟରେ ପ୍ରକାଶ କରିଛନ୍ତି, ଯାହାକି ସବୁଠୁ ଆଶ୍ଚର୍ଯ୍ୟର ବିଷୟ ବୋଲି ଡ.ମହାଲିଙ୍ଗ କହିଛନ୍ତି । ଜଣେ ଅନୁସୂଚିତ ଜାତିର ଗର୍ଭବତୀ ମହିଳାଙ୍କୁ ମାଡମାରି ଏବଂ ଜେଲରେ ଅମାନବୀୟ ବ୍ୟବହାର କରି ଯେଉଁ ଭଳି ଭାବେ ସୁଲାବତୀଙ୍କୁ ଅତ୍ୟାଚାର କରାଗଲା, ତାହା ମୃତ୍ୟୁ ନୁହେଁ ବରଂ ହତ୍ୟା ଅଟେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray